

ଯେତେବେଳେ ତୁମର କୁକର୍ମ ପାଇଁ ତୁମେ ଅନୁତପ୍ତ ହେବ ସେତେବେଳେ ପରମପିତା ତୁମକୁ କ୍ଷମା କରିବେ। ଆଉ କ୍ଷମା ପାଇଲେ ହିଁ ବୁଝିପାରିବ ତୁମ ହୃଦୟରେ ପବିତ୍ର ସାନ୍ତ୍ୱନା ଆସୁଛି। ଆଉ ତା'ପରେ ହିଁ ତୁମେ ବିନୀତ, ଶାନ୍ତ ଓ ଆନନ୍ଦିତ ହେବ।
- ଠାକୁର ଅନୁକୂଳଚନ୍ଦ୍ର



## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରରେ ସମୂହ ବ୍ରତୋପୋନୟନ, ପୁରୁଣା ଭୁବନେଶ୍ୱର, ବିନ୍ଦୁସାଗର ନିକଟ, ସକାଳ ୮ଟା।
- ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ପକ୍ଷରୁ ଉତ୍କଳ ଦିବସ ଓ ପ୍ରତିଷ୍ଠା ଦିବସ, ରାଜଭବନ ଛକ, ପାୱାର ହାଉସ ଛକ, ଏଜି ଛକ, ଭିଏସ୍ଏସ୍ ନଗର ଦୁର୍ଗାମଣ୍ଡପ, ସକାଳ ୮ଟା ୩୦ରୁ ସନ୍ଧ୍ୟା ୬ଟା ୩୦।
- ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଦଶନ୍ଧୀ ଉତ୍ସବ, କ୍ୟାମ୍ପସ ପରିସର, ପୂର୍ବାହ୍ନ ୧୦ଟା।
- ସୋପଭା ଟ୍ରଷ୍ଟ ପକ୍ଷରୁ ଉତ୍କଳ ଦିବସ, ମଧୁମୟୀ ଆଦର୍ଶ ଶିକ୍ଷା ନିକେତନ, ଝାରପଡ଼ା, ପୂର୍ବାହ୍ନ ୧୦ଟା।
- ଭାରତୀୟ ଯୁବ ଶକ୍ତି ଟ୍ରଷ୍ଟ ପକ୍ଷରୁ ସମ୍ମିଳନୀ, ରେଲ୍ ଅଡିଟୋରିୟମ, ପୂର୍ବାହ୍ନ ୧୦ଟା ୩୦।
- ବିର୍ଲା ଗ୍ଲୋବାଲ ୟୁନିଭରସିଟିର ପ୍ରତିଷ୍ଠା ଦିବସ ପାଳନ, କଲେଜ କ୍ୟାମ୍ପସ, ଗୋଠପାଟଣା, ପୂର୍ବାହ୍ନ ୧୧ଟା।
- ଫିଟ୍ ଫାଇଟରର ନୂତନ ଫିଟ୍‌ନେସ ସେଣ୍ଟର ଉଦ୍‌ଘାଟନ, ଗୋପବନ୍ଧୁ ଛକ, ଅପରାହ୍ନ ୧ଟା ୩୦।
- ଉତ୍କଳ ଷ୍ଟୁଡେଣ୍ଟସ୍ ଆସୋସିଏଶନର ପ୍ରତିଷ୍ଠା ଦିବସ, ଗୁରୁକେଳୁଚରଣ ମହାପାତ୍ର, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଅପରାହ୍ନ ୩ଟା।
- ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ସମୃଦ୍ଧ ଭାରତ ଯାତ୍ରା ଅଭିଯାନ, ଗାନ୍ଧୀ ପାର୍କ, ଜନତା ମଇଦାନ, ଅପରାହ୍ନ ୫ଟା।
- ନାଲୋକ ପକ୍ଷରୁ ଉତ୍କଳ ଦିବସ ପାଳନ ଓ ଶହୀଦଙ୍କ ପରିବାରଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ନାଲୋକ ନଗର, ସନ୍ଧ୍ୟା ୬ଟା।
- ସମ୍ଭାବନା ଟ୍ରଷ୍ଟ ପକ୍ଷରୁ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଉଦ୍‌ଘାଟନ ଉତ୍ସବ ଓ ଉତ୍କଳ ଦିବସ ପାଳନ, ଏକାମ୍ର ହାଟ, ସନ୍ଧ୍ୟା ୬ଟା।
- ସିଟିଜେନସ୍ ଫୋରମ ଗ୍ରେଟର ଗାଡ଼କଣ ଆନୁକୂଲ୍ୟରେ ଉତ୍କଳ ଦିବସ ପାଳନ, ଗୁରୁକେଳୁଚରଣ ପାର୍କ, ଗାଡ଼କଣ ସମ୍ମୁଖ, ସନ୍ଧ୍ୟା ୬ଟା।
- ଭାରତୀୟ ବିଦ୍ୟା ଭବନ ଓ ଇନ୍ଫୋସିସ୍ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଲୁପ୍ତପ୍ରାୟ ଲୋକକଳା ସନ୍ଧ୍ୟା, ମୁକ୍ତ ମଞ୍ଚ, ଭାରତୀୟ ବିଦ୍ୟାଭବନ, ସନ୍ଧ୍ୟା ୬ଟା ୩୦।
- କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ ଉତ୍କଳ ଦିବସ ପାଳନ, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ଲେଖା ଓ ଲେଖା ପରୀକ୍ଷା କର୍ମଚାରୀ ସମନ୍ୱୟ ସମିତି ଆନୁକୂଲ୍ୟରେ ୮୪ତମ ଉତ୍କଳ ଦିବସ ପାଳନ, ଦୁର୍ଗାମଣ୍ଡପ ପରିସର, ନୂଆ ଏଜି କଲୋନୀ, ସନ୍ଧ୍ୟା ୭ଟା।

### କଟକ

- ୮୪ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ, ରିଜର୍ଭ ପୋଲିସ ପଡ଼ିଆ, ବକ୍ସିବଜାର, ସକାଳ ୮ଟା ୩୦।
- ଅପରାଧ ସମୀକ୍ଷା ବୈଠକ, କ୍ରାଇମବ୍ରାଞ୍ଚ ମୁଖ୍ୟ କାର୍ଯ୍ୟାଳୟ, ସକାଳ ୯ଟା ୪୫।
- ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନର ବାର୍ଷିକ ଉତ୍ସବ, ଅର୍ଥନୀତି ବିଭାଗ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ସକାଳ ୧୦ଟା।
- ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ ଉତ୍ସବ, ଷଷ୍ଠ ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀର ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।

### ପୁରୀ

- ଏବିଭିପି, ପୁରୀ ପକ୍ଷରୁ ସାଇକେଲ ଶୋଭାଯାତ୍ରା, ସିଂହଦ୍ୱାର, ସକାଳ ୭ଟା।
- ଓଡ଼ିଶା ପୋଲିସ ଦିବସ, ପୋଲିସ ପଡିଆ, ସକାଳ ୮ଟା।
- ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ, ପୌର ସଦନ, ସକାଳ ୯ଟା ୩୫ମିନିଟ।
- ସଦାଶିବ ରଥ ଶର୍ମାଙ୍କ ଶ୍ରଦ୍ଧାଞ୍ଜଳି ସଭା, ସିଂହଦ୍ୱାର, ସନ୍ଧ୍ୟା ୬ଟା।
- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦୀପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

### ଖୋର୍ଦ୍ଧା

- ୮୪ତମ ପୋଲିସ ପ୍ରତିଷ୍ଠା ଦିବସ, ରିଜର୍ଭ ପୋଲିସ ପଡିଆ, ତରତୁଆ, ୮ଟା ୩୦।
- ୮୪ତମ ପୋଲିସ ପ୍ରତିଷ୍ଠା ଦିବସ, ଅର୍ଜୁନପଡା ଷଷ୍ଠ ଭାରତୀୟ ରିଜର୍ଭ ବାଟାଲିୟନ କ୍ୟାମ୍ପସ, ୭ଟା ୩୦।

### ସାକ୍ଷୀଗୋପାଳ

- ଭାରତ ବିକାଶ ପରିଷଦ ପକ୍ଷରୁ ଉତ୍କଳ ଦିବସ ପାଳନ, ବକୁଳବନ, ପୂର୍ବାହ୍ନ ୧୦ଟା ୮ମିନିଟ୍।



**ଆଜି ଓଡ଼ିଶା ଦିବସ ଏବଂ ଓଡ଼ିଶା ପୋଲିସର ପ୍ରତିଷ୍ଠା ଉତ୍ସବ:** ଭୁବନେଶ୍ୱରସ୍ଥିତ କମିଶନରେଟ୍ ପୋଲିସ ମୁଖ୍ୟାଳୟକୁ ରଙ୍ଗୀନ ଆଲୋକମାଳାରେ ସଜାଯାଇଛି।

# ଖୋର୍ଦ୍ଧା ଜିଲା: ୬ ଆସନରେ ବିଜେଡି ଅଙ୍କ ଛିଣ୍ଡୁନି

**ଖୋର୍ଦ୍ଧା ଅଫିସ/ଭୁବନେଶ୍ୱର, ୩୧।୩(ବ୍ୟୁରୋ)**

ଖୋର୍ଦ୍ଧା ଜିଲାର ଖୋର୍ଦ୍ଧା, ବେଗୁନିଆ, ଚିଲିକା, ଭୁବନେଶ୍ୱର-ଉତ୍ତର, ଭୁବନେଶ୍ୱର-ମଧ୍ୟ ଓ ଜୟଦେବ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡିର ଅଙ୍କ ଛିଣ୍ଡୁନି। ଏହିସବୁ ସ୍ଥାନରେ ଏପ୍ରିଲ ୨୩ରେ ନିର୍ବାଚନ ହେବ। ଏଥିପାଇଁ ଆସନ୍ତା ୪ ତାରିଖ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିବସ ରହିଛି। ହେଲେ ରବିବାର ସୁଦ୍ଧା ଏହି ସବୁ ଆସନରେ ଦଳର ବିଧାୟକ ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇପାରୁନାହିଁ। ବିଜେଡି ସଭାପତି ନବୀନ ପଟ୍ଟନାୟକ ରବିବାର ୯ ବିଧାନସଭା ଆସନରେ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲେ ହେଁ ଉପରୋକ୍ତ ନିର୍ବାଚନମଣ୍ଡଳୀର ନାଁ ନାହିଁ। ନୂଆ ମୁହଁ ଟିକେଟ ପାଇବାକୁ ଥିବାରୁ ଅସନ୍ତୁଷ୍ଟଙ୍କୁ ନିୟନ୍ତ୍ରଣ କରିବା ପାଇଁ ଜାଣିଶୁଣି ବିଳମ୍ବ କରାଯାଉଥିବା କୁହାଯାଉଛି। ଏଭଳିସ୍ଥଳେ କେତେଜଣ ଟିକେଟ୍ ଆଶାୟୀ ନିଜ ନିଜ ସ୍ତରରେ ଲବି ଚଳାଇଥିବାବେଳେ ପୂଜାର୍ଚ୍ଚନା ଓ ଅଖଣ୍ଡ ଦୀପ ବସାଇ ଅପେକ୍ଷା କରିରହିଛନ୍ତି। ଆଉ କେତେଜଣ ଟିକେଟ ନ ମିଳିଲେ ଅନ୍ୟ ଦଳକୁ ଡେଇଁବା ପାଇଁ ଯୋଜନା କରିଛନ୍ତି। ଯଦ୍ୱାରା କଂଗ୍ରେସ ଏହି ନିର୍ବାଚନମଣ୍ଡଳୀଗୁଡିକ ମଧ୍ୟରୁ କେତେକରେ ପ୍ରାର୍ଥୀ ଦେଉ ନ ଥିବା ଚର୍ଚ୍ଚା ହେଉଛି।

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ରାଜେନ୍ଦ୍ର ସାହୁ ବିଜେଡିର ବିଧାୟକ ଅଛନ୍ତି। ଚଳିତ ନିର୍ବାଚନରେ ସ୍ତ୍ରୀ କିମ୍ବା ସେ ଖୋର୍ଦ୍ଧାରୁ ବିଧାୟକ ପ୍ରାର୍ଥୀ ହେବା ପାଇଁ ଗୋଟି ଚାଳନା କରିଥିଲେ। ସବୁ କିଛି ଠିକ୍‌ଠାକ୍ ଚାଲିଥିଲା। ହେଲେ ଭାଜପା ନେତା ଜ୍ୟୋତିରୀନ୍ଦ୍ର ନାଥ ମିତ୍ର (ଜିତୁ) ବିଜେଡିରେ ଯୋଗଦେବା ପରେ ସବୁ ଗଡ଼ବଡ଼ ହୋଇଗଲା। ଯଦି ଜିତୁ ଟିକେଟ ପାଇବେ ତେବେ ରାଜେନ୍ଦ୍ରଙ୍କୁ ବେଗୁନିଆ ନିର୍ବାଚନମଣ୍ଡଳୀରେ ଅବସ୍ଥାପିତ କରାଯିବାକୁ ଚର୍ଚ୍ଚା ହେଉଥିଲା। ହେଲେ ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ହଟାଯାଇ ତାଙ୍କ ସ୍ଥାନରେ ରାଜେନ୍ଦ୍ରଙ୍କୁ ଟିକେଟ ଦେବା ଏତେଟା ସହଜ ନୁହେଁ ବୋଲି ଚର୍ଚ୍ଚା ଲାଗି ରହିଛି। ବେଗୁନିଆ ନିର୍ବାଚନମଣ୍ଡଳୀରେ ପ୍ରଶାନ୍ତ ଜଗଦ୍ଦେବ ଟିକେଟ୍ ନିଶ୍ଚିତ ପାଉଛନ୍ତି ବୋଲି କର୍ମୀ ସମର୍ଥକମାନେ ପ୍ରଚାର କରି ଚାଲିଛନ୍ତି। ସେପଟେ କିନ୍ତୁ ପ୍ରଶାନ୍ତଙ୍କ ନାଁ ମୁଖ୍ୟମନ୍ତ୍ରୀଙ୍କ ଗୁଡ୍‌ବୁକ୍‌ରେ ନାହିଁ ବୋଲି କୁହାଯାଉଛି। ଚିଲିକା ବିଧାନସଭା ମଣ୍ଡଳୀ ଭାଜପାର ଦଖଲରେ ରହିଛି। ଏଠାରେ ଭାଜପାର ବିଭୂତି ଭୂଷଣ ହରିଚନ୍ଦନ ବିଧାୟକ ଅଛନ୍ତି। ଚଳିତ ନିର୍ବାଚନରେ ବିଭୂତି ପ୍ରାର୍ଥୀ ନ ହେବାରୁ ସମ୍ପର୍କୀୟ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଦଳ ପ୍ରାର୍ଥୀ ଘୋଷଣା କରିଛି।



ଭୁବନେଶ୍ୱର-ମଧ୍ୟ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜୟ କୁମାର ମହାନ୍ତିଙ୍କୁ ପୁନର୍ବାର ଟିକେଟ୍ ପ୍ରଦାନ ଦାବିରେ ସମର୍ଥକଙ୍କ ନବୀନ ନିବାସ ଅଭିମୁଖେ ବାଇକ୍ ଶୋଭାଯାତ୍ରା।

କିନ୍ତୁ ଚିଲିକାର ପୂର୍ବତନ ବିଧାୟକ ତଥା ବିଜେଡି ଦଳର ପ୍ରମୁଖ ଆଶାୟୀ ରଘୁନାଥ ସାହୁଙ୍କୁ ମଧ୍ୟ ଟିକେଟ୍ ଦିଆଯାଉନି। ଏଠାରେ ଅନେକ ଦାବିଦାର ଥିଲେ ହେଁ ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଏମ୍‌ପି ସିଦ୍ଧାନ୍ତ ମହାପାତ୍ର, ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କୁ ଟିକେଟ୍ ଦିଆଯାଉଛି ବୋଲି ଚର୍ଚ୍ଚା ଚାଲିଛି।

ଅନ୍ୟପକ୍ଷରେ ରବିବାର ସନ୍ଧ୍ୟାରେ ଭୁବନେଶ୍ୱର-ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର ନବୀନ ନିବାସ ଯାଇ ଆଲୋଚନା କରିଥିବା ଦେଖାଯାଇଥିଲା। କିଛିମାସ ତଳେ ତାଙ୍କ ଟିକେଟ୍ କଟିବା ନେଇ ଆଲୋଚନା ହେଉଥିଲା। ହେଲେ ଦୁଇଦିନ ହେବ ତାଙ୍କୁ ପୁନର୍ବାର ବିଜେଡିରୁ ଟିକେଟ୍ ମିଳୁଥିବା ଚର୍ଚ୍ଚା ହେଉଛି। ହେଲେ କୌଣସି ଚୂଡାନ୍ତ ନିଷ୍ପତ୍ତି ହୋଇପାରିନାହିଁ। ଏହି ଆସନ ପାଇଁ ଛାତ୍ର ନେତା ଚିନ୍ମୟ ସାହୁ ଏବଂ ସୁବାସ ପାତ୍ର ମଧ୍ୟ ଟିକେଟ୍ ଦୌଡ଼ରେ ଅଛନ୍ତି।

ଭୁବନେଶ୍ୱର-ମଧ୍ୟ ବିଧାୟକ ବିଜୟ କୁମାର ମହାନ୍ତି ଶତାଧିକ ସମର୍ଥକଙ୍କ ସହ ବାଇକ ରାଲି କରି ରବିବାର ନବୀନ ନିବାସରେ ପହଞ୍ଚିଥିଲେ। ତାଙ୍କ ସାଙ୍ଗରେ ଏକାଧିକ କର୍ପୋରେଟରଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ନିଜ ପ୍ରାର୍ଥିତ୍ୱ ବଞ୍ଚାଇବା ପାଇଁ ବିଜୟ ପାରୁପର୍ଯ୍ୟନ୍ତ ଉଦ୍ୟମ କରୁଥିବା ଜଣାପଡିଛି। ଏହି ଆସନ ପାଇଁ ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନା ମଧ୍ୟ ଟିକେଟ୍ ଦୌଡ଼ରେ ରହିଛନ୍ତି। ତାଙ୍କୁ ପ୍ରାର୍ଥୀ କରାଯିବା ଏକପ୍ରକାର ନିଶ୍ଚିତ ବୋଲି ତାଙ୍କ ସମର୍ଥକ କହୁଛନ୍ତି। ହେଲେ ସହମତି ଆସି ପାରୁ ନ ଥିବାରୁ ରବିବାର ଏହି ଆସନ ଘୋଷଣା ହୋଇନାହିଁ। ଏଠାରେ ଯୁବ ବିଜେଡି ଉପସଭାପତି ଦୁର୍ଗା ସାମନ୍ତରାୟ ମଧ୍ୟ ନିଜ ପ୍ରାର୍ଥିତ୍ୱ ନେଇ ଦୃଢ ଆଶାବାଦୀ ଅଛନ୍ତି। ସେ କହିଛନ୍ତି ଯେ, ପ୍ରାର୍ଥୀ ଚୟନର ସବୁ ଫୋରମ୍‌ରେ ସକାରାତ୍ମକ ସଙ୍କେତ ରହିଛି। କେବଳ ଦଳୀୟ ନିଷ୍ପତ୍ତିକୁ ଅପେକ୍ଷା। ଏମାନଙ୍କ ବାଦ୍ ରୁଦ୍ର ସାମନ୍ତରାୟ, ଅମରେଶ ପତ୍ରୀ, ରାଣାପ୍ରତାପ ପାତ୍ର ମଧ୍ୟ ନିଜ ସପକ୍ଷରେ ଚେଷ୍ଟା ଚଳାଇଛନ୍ତି।

ଜୟଦେବବିଧାନସଭା ନିର୍ବାଚନମଣ୍ଡଳୀରୁ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କୁ ପୁନର୍ବାର ପ୍ରାର୍ଥୀ କରାଯିବ ନାହିଁ ବୋଲି ଶୁଣିବାକୁ ମିଳିଛି। ତାଙ୍କୁ ନିଆଳିରୁ ଲଢ଼ିବା ପାଇଁ କୁହାଯାଇଥିଲା। ହେଲେ ସଂରକ୍ଷିତ ଦୁଇ ଆସନ କାକଟପୁର ଏବଂ ନିଆଳିର ପ୍ରାର୍ଥୀ ଘୋଷଣା ରବିବାର ସରିଛି। ତେଣୁ ଜୟଦେବରୁ ପୁଣି ପ୍ରାର୍ଥୀ ନେଇ ଶଶିଭୂଷଣ ଆଶାବାଦୀ ଅଛନ୍ତି। ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି ମଧ୍ୟ ଜୟଦେବରୁ ପ୍ରାର୍ଥୀ ହେବା ନେଇ ଚେଷ୍ଟା କରୁଛନ୍ତି। ତେଣୁ ବିଜେଡି ସଭାପତି କାହା ନାଁରେ ମୋହର ମାରୁଛନ୍ତି, ତାହା ଦେଖିବାକୁ ବାକି ରହିଲା।

# ଜୟଦେବରେ ପ୍ରାର୍ଥୀ ଦେବ ଆମ ସଙ୍ଗଠନ

**ବାଲକାଟୀ,୩୧।୩(ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ ଜୟଦେବ ନିର୍ବାଚନମଣ୍ଡଳୀରେ ପ୍ରଥମଥର ପାଇଁ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆମ ସଂଗଠନ' ଚଳିତ ନିର୍ବାଚନରେ ନିଜର ପ୍ରାର୍ଥୀ ଦେବାକୁ ପ୍ରସ୍ତୁତ ହୋଇଛି। ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହୋଇଥିବାବେଳେ ସେ ସ୍ୱାଧୀନ ଭାବେ ଲଢ଼ିବେ। ଆସନ୍ତା ୨ ତାରିଖରେ ପ୍ରାର୍ଥୀଙ୍କ ନାମ ଘୋଷଣା ଓ ୩ ତାରିଖରେ ପ୍ରାର୍ଥୀପତ୍ର ଦାଖଲ କରାଯିବ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ କମଳ କୁମାର ପାତ୍ର କହିଛନ୍ତି। ଜୟଦେବ ନିର୍ବାଚନମଣ୍ଡଳୀର ସ୍ୱାଭିମାନ ପାଇଁ ବିଦେଶୀ ହଟାଇ ମାଟିର ପୁଅକୁ ପ୍ରାର୍ଥୀ କରାଯାଇ ବିଜୟୀ କରାଯିବା ପାଇଁ ସମସ୍ତଙ୍କ ଆଶୀର୍ବାଦ ଦରକାର ବୋଲି ପାତ୍ର କହିଛନ୍ତି।

ସଂଗଠନର ସମ୍ପାଦକ ପୂର୍ବତନ ଜିଲା ପରିଷଦ ସଦସ୍ୟ ଚୌଧୁରୀ ଦ୍ୱାରିକାନାଥ ଦାଶଙ୍କ ଅଧ୍ୟକ୍ଷତାରେ ନିର୍ବାଚନମଣ୍ଡଳୀସ୍ତରୀୟ ଏକ ବୈଠକ ଶନିବାର ଗଡ଼ଶ୍ରୀରାମପୁରସ୍ଥିତ ସଂଗଠନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ଅଧ୍ୟକ୍ଷ ପାତ୍ର, ବାଲିପାଟଣା ବ୍ଲକ ଅଧ୍ୟକ୍ଷା ମନୀଷା ଚୌଧୁରୀ, ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ସୁଚିତ୍ରା ଜେନାମଣି, ଉପାଧ୍ୟକ୍ଷ ଦୀପେଶ ସ୍ୱାଇଁଙ୍କ ସମେତ ୩୩ ପଞ୍ଚାୟତର ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ।

ସୂଚନାଯୋଗ୍ୟ, ସାଧାରଣ ନିର୍ବାଚନରେ ଏଠାରେ ବିଜେଡି ପ୍ରାର୍ଥୀଙ୍କୁ ଜିତେଇବାରେ ସଂଗଠନର କର୍ମକର୍ତ୍ତାମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ। କିନ୍ତୁ ଜିତିବା ପରେ ଅଣଦେଖା କରାଯାଉଥିବା ପ୍ରତିବାଦ ସ୍ୱରୂପ ସଂଗଠନ ଏ ବର୍ଷ ଶାସକଦଳ ବଦଳରେ ସଂଗଠନର ପ୍ରାର୍ଥୀଙ୍କୁ ସମର୍ଥନ କରିବା ଲାଗି ନିଷ୍ପତ୍ତି ନିଆଯାଇଛି।

ଜୟଦେବ ନିର୍ବାଚନମଣ୍ଡଳୀରେ ବିଜେଡି ଟିକେଟ୍ ପାଇବା ପାଇଁ ବିଧାୟକ ତଥା ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଓ ପୂର୍ବତନ ବିଧାୟକ ଅରବିନ୍ଦ ଢାଲି ଜୋରଦାର ପ୍ରଚେଷ୍ଟା ଚଳାଇଛନ୍ତି। ଏଭଳି ସ୍ଥଳେ ଶାସକ ବିଜେଡି ବିରୋଧରେ ଏକ ସଂଗଠନ ପକ୍ଷରୁ ସ୍ୱାଧୀନ ପ୍ରାର୍ଥୀ ପ୍ରସ୍ତୁତ କରାଯିବା ନିର୍ବାଚନ ଲଢ଼େଇକୁ ଅଧିକ ରୋଚକ କରିଛି।

## ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତିଙ୍କ ଇସ୍ତଫା

ଜଟଣୀ,୩୧।୩(ଡି.ଏନ.ଏ.): ଜଟଣୀର ଯୁବନେତା ତଥା ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି ପ୍ରମୋଦ ହରିଚନ୍ଦନ ଦଳର ପ୍ରାଥମିକ ସଦସ୍ୟ ପଦରୁ ରବିବାର ଇସ୍ତଫା ଦେଇଛନ୍ତି। ଏ ନେଇ ସେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ଇସ୍ତଫା ପତ୍ର ପଠାଇଛନ୍ତି। ଜଟଣୀ ବିଧାନସଭା କ୍ଷେତ୍ରରୁ ହୋଇଥିବା ଦଳୀୟ ପ୍ରାର୍ଥୀ ଚୟନରେ ଅସନ୍ତୋଷ ପ୍ରକାଶ କରି ଦଳରୁ ଇସ୍ତଫା ଦେଇଥିବା ସେ ପତ୍ରରେ ଉଲ୍ଲେଖ କରିଛନ୍ତି।

CCTV CAMERA
ସବୁ ଦେଖୁଛି
For Installation Contact:-UTILITY SERVICES
8984063442

## ଆଜି ଓଡ଼ିଶା ପୋଲିସର ପ୍ରତିଷ୍ଠା ଉତ୍ସବ

**କଟକ ଅଫିସ, ୩୧।୩**

ଓଡ଼ିଶା ପୋଲିସର ପ୍ରତିଷ୍ଠା ଉତ୍ସବ ସୋମବାର ରାଜ୍ୟ ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ହେବ। ଏଥିରେ ୭ ଜଣ ଆଇପିଏସ୍ ଅଫିସରଙ୍କ ସମେତ ୧୦୦ ଜଣ ପୋଲିସ ଅଫିସର ଓ କର୍ମଚାରୀଙ୍କୁ ପୁରସ୍କୃତ କରାଯିବ। ଉତ୍ସବରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ସମେତ ଓଡ଼ିଶା ପୋଲିସର ବରିଷ୍ଠ ଅଧିକାରୀମାନେ ଯୋଗଦେବେ ବୋଲି ରବିବାର ଓଡ଼ିଶା ପୋଲିସ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ବିପଦସଙ୍କୁଳ ଅବସ୍ଥାରେ ରହୁଛନ୍ତି ପୋଲିସ ଫୋର୍ସ

## ଦୁଇ ମହଲାରୁ ଖସିପଡ଼ିଲେ ଓଆଇଏସ୍ଏଫ୍ ମେଜର

**ଭୁବନେଶ୍ୱର,୩୧।୩ (ବ୍ୟୁରୋ)**

- ନିର୍ମାଣାଧୀନ ଖୋଲା ଆପାର୍ଟମେଣ୍ଟରେ ଶୋଇଥିଲେ
- ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି

ଲୋକଙ୍କ ଧନଜୀବନର ସୁରକ୍ଷା ଓ ଆଇନଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ପୋଲିସ ଫୋର୍ସ ନିଜେ ଅସୁରକ୍ଷିତ ହୋଇପଡିଛନ୍ତି। ଭୁବନେଶ୍ୱରରେ ସେମାନଙ୍କ ପାଇଁ ଆବଶ୍ୟକ ଘର ନାହିଁ। ବିପଦସଙ୍କୁଳ ଭାବେ ଅତି ଦୟନୀୟ ଅବସ୍ଥାରେ ଏଠିସେଠି ମୁଣ୍ଡ ଗୁଞ୍ଜିବାକୁ ପଡୁଛି। ରାଜ୍ୟ ସରକାର ଓ ଦାୟିତ୍ୱରେ ରହୁଥିବା ପଦସ୍ଥ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଛି। ନୟାପଲ୍ଲୀ ଥାନା ନିକଟ ଏକ ନିର୍ମାଣାଧୀନ ଖୋଲା ଆପାର୍ଟମେଣ୍ଟରେ ଅସ୍ଥାୟୀ ଭାବେ କିଛି ପୋଲିସ ଫୋର୍ସଙ୍କୁ ରଖାଯାଇଛି। ଶନିବାର ବିଳମ୍ବିତ ରାତିରେ ଜଣେ ପୋଲିସ ଅଧିକାରୀ ଦୁଇ ମହଲାରୁ ଖସିପଡିଛନ୍ତି। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଡାକ୍ତର କହିଛନ୍ତି। ସେ ହେଲେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ(ଓଆଇଏସ୍ଏଫ୍)ର ମେଜର ମାନସ ସାହୁ। ଅନ୍ୟପକ୍ଷରେ ଏହି ଘଟଣାର ଖୋଳତାଡ଼ ଆରମ୍ଭ କରିଛି ନୟାପଲ୍ଲୀ ପୋଲିସ। ସବୁଠୁ ବଡ଼ କଥା ହେଲା ଆହତ ମାନସଙ୍କୁ ଦେଖା କରିବାକୁ କୌଣସି ଅଧିକାରୀ ହସ୍ପିଟାଲ ଯାଇନାହାନ୍ତି। ତଳିଆ କର୍ମଚାରୀ ଓ ଅଧିକାରଙ୍କ ପ୍ରତି ଉଚ୍ଚ ପଦସ୍ଥ ଅଧିକାରୀଙ୍କର ଆନ୍ତରିକତା ନ ଥିବା ଏଥିରୁ ବାରି ହୋଇପଡୁଛି।

ସୂଚନା ଅନୁଯାୟୀ, ନିର୍ବାଚନ ପରିପ୍ରେକ୍ଷୀରେ ରାଜଧାନୀର ଆଇନଶୃଙ୍ଖଳା ପାଇଁ ବିଭିନ୍ନ ବାଟାଲିୟନ ଓ ଓଆଇଏସ୍ଏଫ୍‌ରୁ ପୋଲିସ ଫୋର୍ସ ଅଣାଯାଇଛି। ଓଡ଼ିଶାକୁ ଆସୁଥିବା କେନ୍ଦ୍ରୀୟ ନେତା ଓ ରାଜ୍ୟ ନେତାଙ୍କ ସୁରକ୍ଷା ପାଇଁ ସେମାନେ ନିୟୋଜିତ ରହିଛନ୍ତି। ଏମାନଙ୍କ ରହିବା ପାଇଁ ପୋଲିସ ବିଭାଗ ପକ୍ଷରୁ କୌଣସି ସ୍ଥାୟୀ ସୁରକ୍ଷିତ ବ୍ୟବସ୍ଥା କରାଯାଇନାହିଁ। ନୟାପଲୀ ଥାନା ପାର୍ଶ୍ୱ ୧୪ ମହଲା ବିଶିଷ୍ଟ ଆପାର୍ଟମେଣ୍ଟର ଦୁଇ ମହଲାରେ ଓଆଇଏସ୍ଏଫ୍ ଓ ଅନ୍ୟ ଫୋର୍ସକୁ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରଖାଯାଇଛି। ଉକ୍ତ ଆପାର୍ଟମେଣ୍ଟର କାନ୍ଥ ତିଆରି ହୋଇନାହିଁ। ସେଠାରେ ବିଜୁଳି ଓ ପାଣିର ଅବ୍ୟବସ୍ଥା ରହିଥିବା ଜଣାପଡିଛି। ମଶା ଯୋଗୁ ଠିକ୍ ଭାବେ ଶୋଇ ମଧ୍ୟ ପାରୁନାହାନ୍ତି। ମାନସ ମଧ୍ୟ ଠିକ୍ ଭାବେ ଶୋଇପାରି ନ ଥିଲେ। ବିଳମ୍ବିତ ରାତିରେ ସେ ପରିସ୍ରା କରିବାକୁ ଉଠିଥିଲେ। ହେଲେ ନିଦରେ ଭୁଲ୍‌ବଶତଃ ଉକ୍ତ ଆପାର୍ଟମେଣ୍ଟର ଖୋଲା ଛାତ କଡକୁ ଆସି ଖସି ପଡିଥିଲେ। ଚିତ୍କାର ଶୁଣି ସେଠାରେ ରହୁଥିବା ଅନ୍ୟମାନେ ତଳକୁ ଆସି ମାନସ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି ପୋଲିସ ସହାୟତାରେ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

ଏନେଇ ନୟାପଲୀ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ କହିଛନ୍ତି, ରାତିରେ ମେଜର ଜଣକ ପରିସ୍ରା କରିବାକୁ ଉଠିଥିବା ବେଳେ ଖୋଲା ଛାତ ଯୋଗୁ ଦୁଇ ମହଲାରୁ ତଳକୁ ଖସିପଡିଥିଲେ। ଏହା ଜାଣିବା ପରେ ତାଙ୍କୁ ତୁରନ୍ତ ହସ୍ପିଟାଲ ପଠାଇଥିଲୁ।

## ରବିବାର ଥିଲା ନନ୍ଦନକାନନର ଶେଷଦିନ

**ବାରଙ୍ଗ,୩୧।୩(ଡି.ଏନ୍.ଏ.)**

**ଚଳିତ ଆର୍ଥିକ ବର୍ଷରେ ଆସିଥିଲେ ୩୪.୭ଲକ୍ଷ ପର୍ଯ୍ୟଟକ**




ପ୍ରାଣୀ ଉଦ୍ୟାନ ନନ୍ଦନକାନନର ରବିବାର ଥିଲା ଆର୍ଥିକ ବର୍ଷ ୨୦୧୮-୧୯ର ଶେଷଦିନ। ଏହି ଶେଷଦିନ ରବିବାର ପଡିଥିବାରୁ ପର୍ଯ୍ୟଟକମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଆର୍ଥିକ ବର୍ଷରେ ନନ୍ଦନକନନକୁ ୩୪.୭ଲକ୍ଷ ପର୍ଯ୍ୟଟକ ଆସିଥିଲେ। ଆସିଥିବା ପର୍ଯ୍ୟଟକଙ୍କଠାରୁ ରାଜସ୍ୱ ବାବଦରେ ନନ୍ଦନକାନନ କର୍ତ୍ତୃପକ୍ଷ ୧୪.୨୯କୋଟି ଟଙ୍କା ଆଦାୟ କରିପାରିଛି। ସେହିଭଳି ବଟାନିକାଲ ଗାର୍ଡେନକୁ ଏହି ଆର୍ଥିକ ବର୍ଷରେ ୧ଲକ୍ଷ ୮୬ହଜାର ୪୯୪ଜଣ ପର୍ଯ୍ୟଟକ ଆସିଛନ୍ତି। ଯାହାକି ପ୍ରତିବର୍ଷଠାରୁ ଚଳିତବର୍ଷରେ ପର୍ଯ୍ୟଟକମାନଙ୍କ ସଂଖ୍ୟା ବୃଦ୍ଧିପାଇଛି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି। ସୋମବାରଠାରୁ ନନ୍ଦନକାନନରେ ସମୟ ପରିବର୍ତ୍ତନ ହେବାର ଯୋଜନା ରହିଛି। କିନ୍ତୁ ଏହିଦିନ ନନ୍ଦନକାନନ ବନ୍ଦ ରହୁଥିବାରୁ ମଙ୍ଗଳବାର କାର୍ଯ୍ୟକାରୀ ହେବ ବୋଲି ଜଣାପଡ଼ିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଅର୍ଜୁନ



ସ୍ମୃତି



ଧୀରେନ



ବିକି



ସଙ୍ଗୀତା



ପ୍ରିୟରଞ୍ଜନ



ଅନିଲ



ସନ୍ଦୀପ



ଆଶ୍ରିତ



ହିମାଂଶୁ



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
-ଉତ୍କଳ ଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ଉପରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସୁରକ୍ଷା କଡ଼ାକଡ଼ି

#### ଜଗିବେ ୩୦ ପ୍ଲାଟୁନ ଫୋର୍ସ, ୮୦ ଅଫିସର

**ଭୁବନେଶ୍ୱର,୩୧।୩(ବ୍ୟୁରୋ):** ସୋମବାର ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁ ଓଡ଼ିଶା ଗସ୍ତରେ ଆସିବେ। ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ରାଜଧାନୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ରାଜଧାନୀରେ ପ୍ରାୟ ୩୦ପ୍ଲାଟୁନ ଫୋର୍ସ, ୨ଜଣ ଡିସିପି ଓ ୪ଜଣ ଅତିରିକ୍ତ ଡିସିପି ଓ ୮୦ଜଣ ଅଫିସର ସୁରକ୍ଷା ଦାୟିତ୍ୱରେ ରହିବେ। ସେ ବିମାନବନ୍ଦରରୁ ଆସିବା ପରେ ରାଜଭବନ ଗସ୍ତରେ ଯିବେ। ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ରବିବାର ବିମାନ ବନ୍ଦରରୁ ରାଜଭବନ ପର୍ଯ୍ୟନ୍ତ ସୁରକ୍ଷା ଦୃଷ୍ଟିକୁ ନେଇ ଏକ ମକଡ୍ରିଲ କରାଯାଇଥିଲା।

### 'ଶ୍ରୀଜଗନ୍ନାଥାୟନ' ସନ୍ଧ୍ୟା

**ଭୁବନେଶ୍ୱର,୩୧।୩(ବ୍ୟୁରୋ):** ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଜୀବନଚର୍ଯ୍ୟାକୁ ଆଚ୍ଛନ୍ନ କରିଆସିଛି ଶ୍ରୀଜଗନ୍ନାଥ ଭାବଧାରା। ଶ୍ରୀଜଗନ୍ନାଥଙ୍କ ଏହି ମହାନ୍ ସଂସ୍କୃତିକୁ ଆହୁରି ବ୍ୟାପକ କରିବାକୁ 'ଶ୍ରୀଜଗନ୍ନାଥାୟନ' କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବା ଏଠାରେ ମତପ୍ରକାଶ ପାଇଛି। ରବିବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ 'ଶ୍ରୀଜଗନ୍ନାଥାୟନ' ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି ଓ ଶିଳ୍ପୀମାନେ ଏହା କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ବେଦପାଠୀ ପ୍ରିୟାଂଶୁ ଭଞ୍ଜ ବେଦୋକ୍ତ ନାରାୟଣ ସ୍ତୁତି ଆବୃତ୍ତି କରିଥିବା ବେଳେ କଣ୍ଠଶିଳ୍ପୀ ନିତ୍ୟାନନ୍ଦ ରଣା ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଓ ଦର୍ଶନ ଆଧାରରେ ସେ ନିଜ ଅନୁଭୂତିକୁ ବର୍ଣ୍ଣନା କରିଥିଲେ। ସେହିପରି ଭୁବନେଶ୍ୱରସ୍ଥିତ ଶତାବ୍ଦୀର କଳାକାର ନାଟ୍ୟାନୁଷ୍ଠାନ ପକ୍ଷରୁ ଦଶାବତାର ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ବିଜୟ ଜେନା ଯୋଗଦେଇ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### କାଳବୈଶାଖୀ: ୫ ଘଣ୍ଟା ବିଦ୍ୟୁତ୍ କାଟ୍

**ପୁରୁଣା ଭୁବନେଶ୍ୱର,୩୧।୩(ଡି.ଏନ.ଏନ୍.)-** ରବିବାର ଅପରାହ୍ନରେ ସାରା ରାଜ୍ୟରେ ହୋଇଥିବା କାଳବୈଶାଖୀ ପାଇଁ ସହରର ବିଭିନ୍ନ ସ୍ଥାନରେ ନାହିଁ ନଥିବା ସମସ୍ୟା ଦେଖା ଦେଇଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ପବନ ବୋହିବାରୁ ଅଧିକାଂଶ ସ୍ଥାନରେ ସମ୍ପୂର୍ଣ୍ଣ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଥିଲା। ବିଶେଷ କରି ଶ୍ରୀଲିଙ୍ଗରାଜ ମନ୍ଦିରର ଦୀର୍ଘ ସମୟ ଧରି ଅର୍ଥାତ ୫ଘଣ୍ଟା ଅନ୍ଧକାରମୟ ହୋଇଥିଲା।

### ଲକ୍ଷ୍ମୀସାଗର ପୋଲିସକୁ ଗୋଡାଇଛି ବିଫଳତା

**କଟକରୋଡ,୩୧।୩(ଡି.ଏନ.ଏନ୍.):** ପ୍ରାୟ ଏକ ବର୍ଷ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଅସାମାଜିକ ଦୋରମ୍ୟ ବଢ଼ିଛି। ଥାନା ଅଞ୍ଚଳରେ ଦେହ ବ୍ୟବସାୟ ସହ ମରଣାନ୍ତକ ଆକ୍ରମଣ ଘଟଣା ଘଟିଛି। ବମିଖାଲ ଅଞ୍ଚଳରେ ଏକ ଫାଙ୍କା ଗୁଳିଚାଳନା ସହ ଗତ ଦୁଇ ମାସ ତଳେ ମାନସ ମଲ୍ଲିକ ନାମକ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଥିଲା। ଏହି ଘଟଣା ଦୀର୍ଘଦିନ ବିତିଥିଲେ ମଧ ପୋଲିସ ଅଭିଯୁକ୍ତଙ୍କୁ ଏଯାବତ ଗିରଫ କରିପାରିନାହିଁ। ଅନ୍ୟପକ୍ଷରେ ଉକ୍ତ ଥାନା ଅଞ୍ଚଳରେ ଥିବା କେତେକ ଲଜିଂରେ ଦେହ ବ୍ୟବସାୟ ଚାଲିଥିବା ନେଇ ଲୋକେ ଅଭିଯୋଗ କରୁଥିବାବେଳେ ପୋଲିସ ସେ ଦିଗରେ ଦୃଷ୍ଟି ଦେଉନାହିଁ। ଏକ ନିର୍ଦ୍ଦିଷ୍ଟ ଫିଜିଓ ଥେରାପି ସେଣ୍ଟରରେ ଦୀର୍ଘଦିନ ଧରି ଦେହ ବ୍ୟବସାୟ ଚାଲିଥିବାବେଳେ ପୋଲିସ ଏହା ଉପରେ ଅଚାନକ ଚଢାଉ କରିବା ପ୍ରସଙ୍ଗକୁ ରହସ୍ୟବୃତ୍ତ କରିଛି। ଏହି ଘଟଣାରେ ଚାରି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବାବେଳେ ସେମାନଙ୍କ ଫଟୋ ଦେବା ବାବଦରେ ପୋଲିସ ଅମଙ୍ଗ ହେଉଛି। ପୁରୁଣା ମାମଲାର ଅଭିଯୁକ୍ତଙ୍କୁ ଗିରଫ କରିବା ପଛରେ ନୀରବ ରହିବା ପୋଲିସ ଭୂମିକା ନେଇ ସନ୍ଦେହ ସୃଷ୍ଟି କରିଛି।

### ତଥ୍ୟ ଦେଲେନି ଘର ମାଲିକ

**କଟକରୋଡ,୩୧।୩(ଡି.ଏନ.ଏନ୍.):** ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ବେଆଇନ କାରବାର ଜାରି ରହିଛି। ତତକାଳୀନ ପୋଲିସ କମିଶନର ରାଜେନ୍ଦ୍ର ପ୍ରସାଦ ଶର୍ମା ଭଡ଼ା ନେଉଥିବା ବ୍ୟକ୍ତିବିଶେଷଙ୍କ ବାବଦରେ ତଥ୍ୟ ରଖିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ ତେବେ ଉକ୍ତ ଥାନା ଅଞ୍ଚଳରେ ବିଭିନ୍ନ ନିଶାଦ୍ରବ୍ୟ କାରବାରଠାରୁ ଆରମ୍ଭ କରି ନକଲି ସାମଗ୍ରୀ ପୋଲିସ ଜବତ କରୁଛି। ତେବେ ଏହି ଘଟଣା ନେଇ ଜୋନ-୪ ଏସିପି ଅମରେନ୍ଦ୍ର ପଣ୍ଡାଙ୍କୁ ଯୋଗାଯୋଗ କରାଯାଇଥିଲା। ଘରମାଲିକ ତଥ୍ୟ ଦେଉ ନଥିବା ବାବଦରେ ପଚାରା ଯିବାରେ ସେ ସମ୍ପୂର୍ଣ୍ଣ ପ୍ରସଙ୍ଗକୁ ଏଡାଇ ଦେଇଥିଲେ।

## ■ କମିଶନରେଟ ପୋଲିସର ଅଜବ ନୀତି

# ନ୍ୟାୟ ବଦଳରେ ମିଛ ମାମଲା

**ଭୁବନେଶ୍ୱର,୩୧।୩ (ବ୍ୟୁରୋ)**

■ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ
■ ଧମକ ଦେଉଥିଲେ, ଏବେ ଫସାଇଥିବା ଅଭିଯୋଗ

ପୋଲିସ ଠିକ୍ ଭାବେ ତଦନ୍ତ କରୁ ନ ଥିବାରୁ ଆଜି ଅନେକ ନିର୍ଦ୍ଦୋଷ ଦଣ୍ଡ ପାଉଛନ୍ତି। ନିକଟରେ କଟକ ଲାଲବାଗ ଥାନା ପୋଲିସ ଏନ୍‌ବିଡବ୍ଲ୍ୟୁରେ ପ୍ରକୃତ ଅଭିଯୁକ୍ତଙ୍କ ବଦଳରେ ଜଣେ ନିର୍ଦ୍ଦୋଷଙ୍କୁ ଗିରଫ କରିଥିଲା। ପୋଲିସର ଭୁଲ୍ ଯୋଗୁ ଏପରି ଘଟିଥିବା ନିଜେ ପୋଲିସ କମିଶନର କହିଥିଲେ। ଭୁବନେଶ୍ୱରରେ ମଧ ଏଭଳି ଏକାଧିକ ଘଟଣା ଘଟିଛି। ଆଉ କେତେକସ୍ଥଳେ ପୋଲିସ ଚାପରେ ହେଉ ଅବା ଲାଞ୍ଚ ନେଇ ପ୍ରକୃତ ଅଭିଯୁକ୍ତଙ୍କୁ ଗିରଫ ନ କରି ଓଲଟା ଅଭିଯୋଗକାରୀଙ୍କୁ ମିଛ ମାମଲାରେ ଫସାଇବାକୁ ଷଡ଼ଯନ୍ତ୍ର ରଚୁଛି। ଏମିତି ଏକ ଘଟଣା ଏବେ ସାମ୍ନାକୁ ଆସିଛି। ଜଣେ ଅଭିଯୁକ୍ତଙ୍କୁ ଖାରବେଳ ନଗର ଓ କ୍ୟାପିଟାଲ ଥାନା ପୋଲିସ ଗିରଫ ନ କରିବାରୁ ସେ ଭିନ୍ନ ମାମଲାରେ ଅଭିଯୋଗକାରୀଙ୍କୁ ଫସାଇ ଦେଇଥିବା ଅଭିଯୋଗ ହୋଇଛି। ମହିଳା ଥାନା ପୋଲିସ ତାଙ୍କ ନାମରେ ମାମଲା ରୁଜୁ କରିଥିବା ହୋଟେଲ ସାଇନ ମାଲିକ ଇଜାବୁଲ ଖାଁ କହିଛନ୍ତି। ଯେଉଁ ଯୁବତୀ ତାଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆଣିଛନ୍ତି ତାଙ୍କୁ ସେ କେବେ ଦେଖିନାହାନ୍ତି କି ଫୋନ୍‌ରେ ବି କଥା ହୋଇନାହାନ୍ତି। ପୋଲିସ ଠିକ ଭାବେ ତଦନ୍ତ ନ କରି କିପରି ମାମଲା ରୁଜୁ କରିଦେଲେ ତାହାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ତାଙ୍କୁ ବାରମ୍ବାର ହତ୍ୟା ଉଦ୍ୟମ କରାଯାଇଥିଲେ ମଧ ଅଭିଯୁକ୍ତଙ୍କୁ ପୋଲିସ ନ ଧରି ଓଲଟା ଫସାଇବାକୁ ଯୋଜନା କରିଥିବା ସେ କହିଛନ୍ତି।

ଇଜାବୁଲ୍‌ଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସମ୍ପତ୍ତିକୁ କବ୍‌ଜା କରିବା ପାଇଁ ଭାଇ ସଖାବୁଲ ଖାଁ ଉଦ୍ୟମ କରୁଛନ୍ତି। ଇଜାବୁଲ୍‌ଙ୍କ ହୋଟେଲ ନିକଟରେ ସଖାବୁଲଙ୍କର ଏକ ହୋଟେଲ ରହିଛି। ଫେବୃୟାରୀ ୧୩ରେ ସଖାବୁଲ୍ ସହଯୋଗୀଙ୍କ ସହ ତାଙ୍କ ହୋଟେଲରେ ପଶି ଭଙ୍ଗାରୁଜା କରିବା ସହ ଖଣ୍ଡାଧରି କର୍ମଚାରୀଙ୍କୁ ହାଣିବାକୁ ଗୋଡାଇଥିଲେ। ଏନେଇ କ୍ୟାପିଟାଲ ଥାନାରେ ମାମଲା (ନଂ.୬୨/୧୯) ରୁଜୁ ହୋଇଥିଲେ ମଧ ପୋଲିସ ଫେରାର କହି ମୁଖ୍ୟ ଅଭିଯୁକ୍ତ ସଖାବୁଲ୍‌ଙ୍କୁ ଗିରଫ କଲାନାହିଁ। ଫଳରେ ସେ ଥାନାରୁ ମାମଲା ଉଠାଇବା ପାଇଁ ଧମକ ଦେବା ସହ ସେହିମାସ ୧୮ ତାରିଖରେ ଖାରବେଳନଗର ଥାନା ଅନ୍ତର୍ଗତ ରିଜର୍ଭ ବ୍ୟାଙ୍କ୍ ପଛ ଗଳିରେ ସେ ଜାବୁଲଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ଏଥିସହ ଖଣ୍ଡା ଓ ବନ୍ଧୁକ ଧରି ଧମକାଇଥିଲେ। ଏନେଇ ଖାରବେଳନଗର ଥାନାରେ କେସ୍ ନଂ-୫୮/୧୯ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ଜଣକ ଖୁଲମ୍‌ଖୁଲା ବୁଲୁଥିବାବେଳେ ଖାରବେଳନଗର ଥାନା ପୋଲିସ ମଧ ତାଙ୍କୁ ଗିରଫ କରୁନାହିଁ। ଏପରିସ୍ଥଳେ ସେ ନିଜ ହୋଟେଲରେ କାମ କରୁଥିବା ଜଣେ ଯୁବତୀଙ୍କୁ ଲଗାଇ ଯୋଜନାବଦ୍ଧ ଭାବେ ମିଛ ଅଭିଯୋଗ କରିଥିବା ଇଜାବୁଲ କହିଛନ୍ତି। ଯୁବତୀ ଜଣକ ଅଭିଯୋଗ କରିଛନ୍ତି ଯେ, ଇଜାବୁଲ ତାଙ୍କ ହୋଟେଲରେ କାମ କରିବାକୁ ଫୋନ୍‌ରେ ଡାକି ଅସଦାଚରଣ କରିଥିଲେ। ଏପରି କି ତାଙ୍କୁ କାରରେ ବସାଇ ଘରକୁ ନେଇଥିବା ମଧ ସେ ଉଲ୍ଲେଖ କରିଛନ୍ତି। ହେଲେ ପୋଲିସ ଯୁବତୀଙ୍କୁ ଉକ୍ତ କାର ନମ୍ବର ଓ ଅନ୍ୟ ସମ୍ପର୍କରେ ପଚାରିଥିଲେ ସେ କିଛି କହିପାରି ନ ଥିଲେ। ଏହି ଘଟଣା ସଂକ୍ରାନ୍ତରେ ପୋଲିସ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲେ। ମାତ୍ର ଯୁବତୀ ଜଣକ ଇଜାବୁଲଙ୍କ ଘରକୁ କେବେ ବି ଆସି ନ ଥିବା ପଡୋଶୀମାନେ କହିଛନ୍ତି।

ଏନେଇ ମହିଳା ଥାନା ଅଧିକାରୀ ଅନସୂୟା ନାୟକ କହିଛନ୍ତି, ଯୁବତୀଙ୍କ ଅଭିଯୋଗ ଆଧାରରେ ଆମେ ମାମଲା ରୁଜୁ କରି ତଦନ୍ତ କରୁଛୁ। ଅଭିଯୋଗ ଯଦି ମିଥ୍ୟା ବୋଲି ଜଣାପଡିବ ତେବେ କେସ୍‌କୁ ଡିସମିସ କରାଯିବ ବୋଲି ସେ କହିଛନ୍ତି।



ରୋଟାରୀ କ୍ଲବ ପକ୍ଷରୁ ପାଣ୍ଡରାସ୍ଥିତ ୟୁଜିୟୁପି ସ୍କୁଲରେ ରବିବାର ଅନୁଷ୍ଠିତ ମାଗଣା ସ୍ୱାସ୍ଥ୍ୟ ଶିବିର।

## ଚଳଚ୍ଚିତ୍ର ଶିଳ୍ପର ବିକାଶ ଲାଗି ମାନସ ମନ୍ଥନ

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଫିଲ୍ମ ପଲିସି ତଥା ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ଆଇନ ୨୦୧୯ର କାର୍ଯ୍ୟକାରିତାକୁ ନେଇ ଏକ ରାଉଣ୍ଡଟେବୁଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଫିକି ପକ୍ଷରୁ ଆୟୋଜିତ ଏହି ବୈଠକରେ ଶିଳ୍ପ ବିଭାଗ ବରିଷ୍ଠ ଅଧିକାରୀଙ୍କ ସହ ରାଜ୍ୟ ତଥା ରାଜ୍ୟ ବାହାରର ଅଂଶୀଦାରମାନେ ଯୋଗଦେଇ ନୂତନ ଚଳଚ୍ଚିତ୍ର ନୀତିର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବଲିଉଡ୍‌ର ଜଣାଶୁଣା ଅଭିନେତା ତଥା ପ୍ରଯୋଜକ ସଞ୍ଜୟ ସୁରୀ, ହିମାଂଶୁ ଧନୁକା, ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ପ୍ରଯୋଜକ ସାବୁ ଚେରିଆନ୍, ଜି ନେଟ୍‌ୱର୍କର ବ୍ୟବସାୟିକ ମୁଖ୍ୟ ରାହୁଲ ରାଓ, ଅଭିନେତା ସିଦ୍ଧାନ୍ତ ମହାପାତ୍ର, ପ୍ରଯୋଜକ ତଥା ନିର୍ଦ୍ଦେଶକ ମନମୋହନ ମହାପାତ୍ର, ଅକ୍ଷୟ ପରିଜା, ଦୀପକ ସାମନ୍ତରାୟ, ଯୁଗଳ ଦେବତାଙ୍କ ସହ ସିନେ ଚାମ୍ବର ଏବଂ ଚଳଚ୍ଚିତ୍ର ପ୍ରଯୋଜକ ସଂଘର ପ୍ରତିନିଧିମାନେ ଏଥିରେ ଯୋଗଦେଇଥିଲେ।

ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଇଫିକଲର ପରିଚାଳନା ନିର୍ଦ୍ଦେଶକ ଡ. ନୀତିନ ଜାୱଲେ, ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମ(ଓଏଫ୍‌ଡିସି) ଅଧକ୍ଷ ସତ୍ୟବ୍ରତ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

## କିଡ୍‌ଜ ବ୍ଲୁମିଙ୍ଗ୍‌ଡେଲ୍ସ ପକ୍ଷରୁ ଗ୍ରାଜୁଏଶନ ଡେ



କିଡ୍‌ଜ ବ୍ଲୁମିଙ୍ଗ୍‌ଡେଲସ୍ ପକ୍ଷରୁ ଅନୁଷ୍ଠିତ ଗ୍ରାଜୁଏଶନ ଡେ ଅବସରରେ କୁନି ପିଲାମାନଙ୍କୁ ଗ୍ରାଜୁଏଶନ ସମ୍ମାନ ପ୍ରଦାନ କରାଯାଉଛି।

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

ଶୈଳଶ୍ରୀ ବିହାରସ୍ଥିତ କିଡ୍‌ଜ ବ୍ଲୁମିଙ୍ଗ୍‌ଡେଲସ୍ ପକ୍ଷରୁ ମାର୍ଚ୍ଚ ୩୦ରେ ଗ୍ରାଜୁଏଶନ ଡେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପ୍ଲେ ସ୍କୁଲ ସ୍ତରରୁ କେଜି ଶ୍ରେଣୀକୁ ଉନ୍ନୀତ ହେଉଥିବା କୁନି କୁନି ଛାତ୍ରୀଛାତ୍ରଙ୍କ ପାଇଁ ଉତ୍ସାହ ବୃଦ୍ଧି ନିମନ୍ତେ ଗ୍ରାଜୁଏଶନ ଡେର ଆୟୋଜନ କରାଯାଇଥାଏ। ଏହି ଅବସରରେ ପିଲାମାନଙ୍କ ଦ୍ୱାରା ଆଧ୍ୟାତ୍ମିକ ନୃତ୍ୟ, ଦେଶାତ୍ମବୋଧକ ନୃତ୍ୟ ଏବଂ ଆଧୁନିକ ନୃତ୍ୟ ପରିବେଷିତ ହୋଇଥିଲା। କିଡ୍‌ଜ ବ୍ଲୁମିଙ୍ଗ୍‌ଡେଲସ୍ ସହାୟତାରେ ଚନ୍ଦକା ଗୋଡ଼ିବାରୀ ଗାଁରେ ଚାଲୁଥିବା ଆଦିବାସୀ ପିଲାଙ୍କ ବିଦ୍ୟାଳୟ 'ବୁଗିନ ହୋ'ର ଛାତ୍ରୀମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଓ ରାଜନୀତିଜ୍ଞ ସୁଲତା ଦେଓ, ସାମାଜିକ କର୍ମୀ ଶୁଭଶ୍ରୀ ଦାସ ଓ ଶୁଚିସ୍ମିତା ପୃଷ୍ଟି, ଖବରଦାତା ପ୍ରାଚୀତାରା ମିଶ୍ର ଓ ଅନ୍ୱେଷା ଅମ୍ବାଲୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କିଣ୍ଡେରଗାର୍ଟେନ୍‌କୁ ଉନ୍ନୀତ ହୋଇଥିବା ୨୦ଜଣ ଛାତ୍ରୀଛାତ୍ରଙ୍କୁ ଗ୍ରାଜୁଏଶନ ସମ୍ମାନ ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ସାମଗ୍ରିକ ବିକାଶ ନିମନ୍ତେ ବିଦ୍ୟାଳୟ ଅଧକ୍ଷା ତଥା ଶିକ୍ଷୟିତ୍ରୀମାନଙ୍କ ଏଭଳି ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିଥିଲେ। ବିଦ୍ୟାଳୟ ଅଧକ୍ଷା ସବିତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଅତିଥିମାନଙ୍କୁ ପରିବେଶ ସୁରକ୍ଷା ବାର୍ତ୍ତା ଦେଇ ଫୁଲଚାରା ପ୍ରଦାନ କରିଥିଲେ। ଏଥିସହ ପ୍ଲାଷ୍ଟିକ୍ ବର୍ଜନ କରିବାର ବାର୍ତ୍ତା ଦେଇ କପଡ଼ା ବ୍ୟାଗ୍ ମଧ ଉପହାର ଦେଇଥିଲେ।

## ଉତ୍କଳୀୟ ସନାତନ ଧର୍ମ ପରିଷଦର କେନ୍ଦ୍ରୀୟ ସନ୍ଥ ସମ୍ମିଳନୀ

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

ଉତ୍କଳୀୟ ସନାତନ ଧର୍ମ ପରିଷଦର କେନ୍ଦ୍ରୀୟ ସନ୍ଥ ସମ୍ମିଳନୀ ରବିବାର ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ସନ୍ଥଙ୍କ ସମାବେଶ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ସମ୍ମିଳନୀରେ ପରିଷଦର ଆଭିମୁଖ୍ୟ ଏବଂ ମାନବ ସମାଜର ସର୍ବବିଧ କଲ୍ୟାଣାର୍ଥେ ସନ୍ଥ ପରମ୍ପରାର ମହନୀୟ କାର୍ଯ୍ୟାବଳୀ ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା। ଏଥିସହ ପ୍ରତ୍ୟେକ ବ୍ଲକ ଏବଂ ଜିଲ୍ଲା ସ୍ତରରେ ସନ୍ଥମାନଙ୍କର ପ୍ରତିନିଧି ମଣ୍ଡଳ ଗଠନ କରାଯାଇ ରାଜ୍ୟ ସରକାରଙ୍କୁ ତାଙ୍କ ବିକାଶ କାର୍ଯ୍ୟକ୍ରମରେ ସହଯୋଗ କରାଯିବ ବୋଲି ଘୋଷଣା କରାଯାଇଥିଲା। ଏହି ସମ୍ମିଳନୀକୁ ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ସଂଯୋଜନା କରିଥିବା ବେଳେ ଉଦୟାନନ୍ଦ ପର୍ବତଜୀ ମହାରାଜ ସଭାପତିତ୍ୱ କରିଥିଲେ। ସେହିପରି ବାବାଜୀ ସଚ୍ଚିଦାନନ୍ଦ ମହାରାଜ ସଭାର ଆଭିମୁଖ୍ୟ ସମ୍ପର୍କରେ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ।

## ପ୍ରତାରକ ସ୍ୱାମୀଙ୍କୁ ଖୋଜି ଦିଲ୍ଲୀରୁ ଓଡ଼ିଶା ଆସିଲେ ମହିଳା

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

■ ଖସି ଯାଉଥିବାବେଳେ ଭୁବନେଶ୍ୱରରୁ ଧରି ପୋଲିସ ଜିମା ଦେଲେ

ଜଣେ ଓଡ଼ିଆ ଯୁବତୀଙ୍କ ପ୍ରେମରେ ପଡ଼ି ସ୍ତ୍ରୀ ଓ ପରିବାର ଲୋକଙ୍କୁ ଭୁଲିଯାଇଥିଲେ ଝାଡ଼ଖଣ୍ଡ ରାଞ୍ଚି ଅଞ୍ଚଳର ଜଣେ ଯୁବକ। ଏହି ପ୍ରତାରକ ସ୍ୱାମୀଙ୍କୁ ଖୋଜି ପାଇବାକୁ ମହିଳା ଜଣକ ପରିବାର ସହ ଦିଲ୍ଲୀରୁ ଓଡ଼ିଶା ଆସିଥିଲେ। ସେମାନେ ପ୍ରଥମେ ସମ୍ବଲପୁର ଓ ପରେ ଭୁବନେଶ୍ୱରରେ ପହଞ୍ଚି ଧୋକାବାଜ ସ୍ୱାମୀଙ୍କୁ ଠାବ କରିବା ପରେ ତାଙ୍କୁ ଧରି ଶହୀଦନଗର ଥାନା ପୋଲିସ ଜିମା ଦେଇଛନ୍ତି। ସୂଚନା ମୁତାବକ, ରାଞ୍ଚି ଅଞ୍ଚଳର ମହିଳାଙ୍କର ଏବେ ୧୦ ବର୍ଷର ପୁଅ ଅଛନ୍ତି। ସ୍ୱାମୀ ଦିଲ୍ଲୀରେ କାମ କରୁଥିବାବେଳେ ସମ୍ବଲପୁର ଅଞ୍ଚଳର ଜଣେ ଯୁବତୀଙ୍କ ପ୍ରେମରେ ପଡି ଘରକୁ ଟଙ୍କା ପଠାଇବା ବନ୍ଦ କରିଦେଇଥିଲେ। ଏପରି କି ପରିବାର ସହ କୌଣସି ଯୋଗାଯୋଗ ମଧ ରହି ନ ଥିଲେ। ଫଳରେ ମହିଳା ଜଣକ ମା' ଓ ଭାଇଙ୍କ ସହ ଦିଲ୍ଲୀ ଯାଇଥିଲେ ମଧ ସେଠାରେ ସ୍ୱାମୀଙ୍କୁ ପାଇ ନ ଥିଲେ। ସ୍ୱାମୀଙ୍କ ସହ କାମ କରୁଥିବା ଲୋକଙ୍କଠାରୁ ସମସ୍ତ ଘଟଣା ଜାଣିବା ପରେ ସିଧା ୪ଦିନ ତଳେ ଓଡ଼ିଶା ଆସି ସମ୍ବଲପୁରସ୍ଥିତ ଠିକଣାରେ ପହଞ୍ଚିଥିଲେ। ହେଲେ ସେ ଭୁବନେଶ୍ୱର ଚାଲିଯାଇଥିବା ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଭୁବନେଶ୍ୱରରେ ପହଞ୍ଚିଥିଲେ। ପାଖରେ କମ୍ ଟଙ୍କା ଥିବାରୁ ଭୋକ ଉପାସରେ ଷ୍ଟେଶନରେ ରହି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ରବିବାର ମହିଳା ଜଣକ ଏକ ବସ୍ତିରୁ ସ୍ୱାମୀଙ୍କୁ ଠାବ କରିଥିଲେ। ସ୍ତ୍ରୀ ଓ ପରିବାର ଲୋକଙ୍କୁ ଦେଖି ଉକ୍ତ ବ୍ୟକ୍ତି ଜଣକ ପଳାଇ ଯିବାକୁ ଉଦ୍ୟମ କରୁଥିବାବେଳେ ସେମାନେ ତାଙ୍କୁ କାବୁ କରିଥିଲେ।

## ଫିଜିଓଥେରାପି ସେଣ୍ଟର ନାଁରେ ଦେହ ବ୍ୟବସାୟ

**କଟକରୋଡ,୩୧।୩(ଡି.ଏନ.ଏନ୍.)**

**୪ ଯୁବତୀ ଉଦ୍ଧାର, ଗ୍ରାହକ ଓ କର୍ମଚାରୀ ଗିରଫ**

କିଛିଦିନର ବ୍ୟବଧାନ ପରେ ପୁଣି ଥରେ ରାଜଧାନୀରେ ଫିଜିଓ ଥେରାପି ସେଣ୍ଟର, ସ୍ପା ଆଦିରେ ଦେହ ବ୍ୟବସାୟ ଆରମ୍ଭ ହୋଇଯାଇଛି। ବିଭିନ୍ନ ଥାନା ଅଞ୍ଚଳରେ ବିଭିନ୍ନ ବେଆଇନ କାରବାର ଚାଲିଥିଲେ ମଧ ପୋଲିସ ବିଳମ୍ବରେ ସୂଚନା ପାଉଛି। ଏଭଳିକ୍ରମେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଏକ ଫିଜିଓ ଥେରାପି ସେଣ୍ଟର ନାଁରେ ଦେହ ବ୍ୟବସାୟ ଚାଲିଥିବା ଅଭିଯୋଗରେ ପୋଲିସ ସେଠାରୁ ୪ଜଣ ବଙ୍ଗୀୟ ଯୁବତୀଙ୍କୁ ଉଦ୍ଧାର କରିଥିବାବେଳେ ଗ୍ରାହକ ଓ କର୍ମଚାରୀଙ୍କ ସମେତ ୪ଜଣଙ୍କୁ ରବିବାର ଗିରଫ କରିଛି। ଅଭିଯୁକ୍ତ ହେଲେ ସେଣ୍ଟର ଚଳାଉଥିବା କର୍ମଚାରୀ ମଞ୍ଚେଶ୍ୱର ଥାନା ଅଧୀନ ଚକେଇସିଆଣୀ ଅଞ୍ଚଳର ଗିରିଜା ପ୍ରସାଦ ସେନାପତି, କୋରାପୁଟର ସୁଧାଂଶୁ ରଞ୍ଜନ ମିଶ୍ର ଓ ଗ୍ରାହକ ହେଲେ ବଡଗଡ଼ ଥାନା ଅଧୀନ ବିନୋଦ ନଗରରେ ରହୁଥିବା ଅବିନାଶ ଗନ୍ତାୟତ ଓ ଖଣ୍ଡଗିରି ଥାନା ଡୁମୁଡୁମାର ସୁଭେନ୍ଦୁ ରଥ। ପୋଲିସ ସେମାନଙ୍କଠାରୁ ବିଭିନ୍ନ ଆପତ୍ତିଜନକ ସାମଗ୍ରୀ ସହ ଟଙ୍କା ଜବତ କରିଛି। ସୂଚନା ଅନୁଯାୟୀ, ଗତ କିଛିମାସ ଧରି ଲକ୍ଷ୍ମୀସାଗର ଥାନା ଅଧୀନ ଓକିଲବାଗରେ ଥିବା ଜଣେ ବ୍ୟବସାୟୀଙ୍କ ଘରେ ଉକ୍ତ ସେଣ୍ଟରଟି ଚାଲିଥିଲା। ଏ ବାବଦରେ ସ୍ଥାନୀୟ ଲୋକେ ଜାଣି ଥିଲେ ମଧ ଅଳ୍ପବାଟ ଦୂରରେ ଥିବା ଥାନାକୁ ଜଣାଉ ନଥିବାର ସୂଚନା ମିଳିଥିଲା। ତେବେ ରବିବାର ପ୍ରାୟ ସନ୍ଧ୍ୟା ୭ଟାରେ ଜୋନ-୪ ଏସିପି ଅମରେନ୍ଦ୍ର ପଣ୍ଡା, ଥାନାଧିକାରୀ ଦୟାନିଧି ନାୟକ ଏକ ଟିମ ସହ ମିଶି ଚଢାଉ କରିଥିଲେ। ସୋମବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

## ଜନପଥରେ ପନଘଟ ଫ୍ୟାଶନ ଷ୍ଟୋର



**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

ସ୍ଥାନୀୟ ଜନପଥ ଖାରବେଳ ନଗରଠାରେ ଏକ୍ସକ୍ଲୁସିଭ ଫ୍ୟାଶନ ଶୋ'ରୁମ 'ପନଘଟ ଫ୍ୟାଶନ' ଶୁଭାରମ୍ଭ ହୋଇଛି। ଓଡ଼ିଆ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ପ୍ରତିଷ୍ଠାତା ପ୍ରଭେଶ ସୁଲତାନିଆ ନୂଆ ଶୋ'ରୁମଟିକୁ ଉଦଘାଟନ କରିଥିଲେ। ୪,୦୦୦ ବର୍ଗଫୁଟ ସ୍ଥାନରେ ଏହା ଅବସ୍ଥାପିତ। ଏଠାରେ ମହିଳାଙ୍କ ଲାଗି ବିଭିନ୍ନ ବର୍ଗରେ ପୋଷାକପତ୍ର ତଥା ଆସେସୋରିଜ ଉପଲବ୍ଧ ହେବ ବୋଲି ଷ୍ଟୋର ପକ୍ଷରୁ ସୂଚନା ରହିଛି।

## ଗ୍ରୀଷ୍ମରେ ପାଣି ପାଇବେ ନାହିଁ ଓଡ଼ିଶାବାସୀ

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

**ଆଡଭୋକେଟ ଜେନେରାଲ, ଜଳସମ୍ପଦ ବିଭାଗ ସଚିବଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

ମହାନଦୀ ଜଳବିବାଦ ଏବେ ବି ଲାଗି ରହିଥିବା ବେଳେ ଆପୋସ ସମାଧାନ ଲାଗି ଉଭୟ ରାଜ୍ୟକୁ ମହାନଦୀ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ପରବର୍ତ୍ତୀ ଶୁଣାଣି ଆସନ୍ତା ମେ ୧୧ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଆଗକୁ ଦୁଇମାସ ଅଣମୌସୁମୀ ତଥା ଗ୍ରୀଷ୍ମଋତୁ ଥିବା ବେଳେ ଟ୍ରିବ୍ୟୁନାଲଙ୍କ ଏହି ରାୟକୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ରବିବାର ଆୟୋଜିତ ଏକ ସମ୍ମିଳନୀରେ ସଂଗଠନର ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ କହିଛନ୍ତି, ଏପ୍ରିଲ ଓ ମେ'ରେ ରାଜ୍ୟରେ ତାତି ଯୋଗୁ ମେ ୧୧କୁ ଶୁଣାଣି ଘୁଞ୍ଚିବା ଅର୍ଥ ଓଡ଼ିଶାବାସୀ ଚଳିତବର୍ଷ ପାଣି ପାଇପାରିବେ ନାହିଁ। ଜଳ ସମ୍ପଦ ବିଭାଗ ଓ ଆଇନ ବିଭାଗର ବେପରୁଆ ମନୋବୃତ୍ତି ଏବଂ ଉଚିତ ଢଙ୍ଗରେ ମାମଲା ନ ଲଢିବା ଫଳରେ ଆଜି ଏପରି ସମସ୍ୟା ସୃଷ୍ଟି ହୋଇଛି। ସଂଗଠନ ପକ୍ଷରୁ ଆଡଭୋକେଟ ଜେନେରାଲ ଓ ଜଳସମ୍ପଦ ବିଭାଗ ସଚିବଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ନିୟମ ଅନୁଯାୟୀ ମଧ୍ୟବର୍ତ୍ତିକାଳୀନ ଆଦେଶ ଦେବା ଲାଗି ଟ୍ରିବ୍ୟୁନାଲଙ୍କୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଅନୁରୋଧ କରାଯାଇଛି।

## 'ଏକାୟାନ' ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର,୩୧।୩(ବ୍ୟୁରୋ):** ରାଜଲକ୍ଷ୍ମୀ ତ୍ରିପାଠୀଙ୍କ କବିତା ପୁସ୍ତକ 'ଏକାୟାନ' ରବିବାର ସ୍ଥାନୀୟ ରୋଟାରୀ ଭବନ ପରିସରରେ ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଦ୍ମବିଭୂଷଣ କବି ରମାକାନ୍ତ ରଥ ଏବଂ ସମ୍ମାନିତ ଅତିଥି ଭାବେ କବି ରାଜେନ୍ଦ୍ର ପ୍ରସାଦ ପଣ୍ଡା ଓ କବୟିତ୍ରୀ ମମତା ଦାସ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ଏହି ଉତ୍ସବକୁ ପ୍ରକାଶିକା ସୁନନ୍ଦା ପ୍ରଧାନ ପରିଚାଳନା କରିଥିଲେ।

## ■ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ

# ଓଡ଼ିଶାରେ ଦୁର୍ଘଟଣାଜନିତ ମୃତ୍ୟୁ ବିଶ୍ୱରେ ସର୍ବାଧିକ

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

ଫୋରମ୍ ଫର୍ ସ୍ମାର୍ଟ ସିଟିଜେନ ସାମାଜିକ ସଂଗଠନ ପକ୍ଷରୁ ସୁନ୍ଦରଗଡ଼ସ୍ଥିତ ବଡ଼ଗାଁ ଆଇଟିଆଇର ୧୦୦ଜଣ ସ୍କାଉଟ୍ ଏବଂ ଗାଇଡ୍ ଛାତ୍ରୀଛାତ୍ରଙ୍କୁ ନେଇ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ର ଭୁବନେଶ୍ୱରର ବିଭିନ୍ନ ପାର୍କ, ଶପିଂମଲ, ସ୍କୁଲ, କଲେଜ, ଶିଳ୍ପାଞ୍ଚଳ ଓ ସାମାଜିକ ଅନୁଷ୍ଠାନଗୁଡ଼ିକରେ ନାଟକ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏକ ମାସ ଧରି ଚାଲିଥିବା ଏହି ସଚେତନତା କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ଉତ୍କଳ ଅଡିଟୋରିୟମ୍‌ଠାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଣିପୁର ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଲକ୍ଷ୍ମୀକାନ୍ତ ମହାପାତ୍ର ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ।





କାର୍ଯ୍ୟକ୍ରମରେ ସ୍କାଉଟ୍ ଓ ଗାଇଡ୍ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଆମ ଦେଶରେ ମଣ୍ଡପିଛା ଯାନବାହନ ବ୍ୟବହାର ବିଶ୍ୱରେ କମ୍ ହୋଇଥିବା ବେଳେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବିଶ୍ୱରେ ଅଧିକ। ଭାରତରେ ପ୍ରତିବର୍ଷ ପ୍ରାୟ ଦେଢ଼ଲକ୍ଷ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ସେଥିମଧ୍ୟରୁ ଓଡ଼ିଶା ରହିଛି ସବୁଠାରୁ ଆଗରେ। ଏଠାରେ ପ୍ରତିବର୍ଷ ପ୍ରାୟ ୫ ହଜାର ଲୋକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟୁଛି। ରାଜ୍ୟରେ ପ୍ରତି ଦୁଇଟି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟୁଥିବା ସର୍ଭେରୁ ଜଣାପଡ଼ିଛି। ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ବଢୁଥିବାରୁ ସୁପ୍ରିମକୋର୍ଟ ସମସ୍ତ ରାଜ୍ୟକୁ ୧୦ ପ୍ରତିଶତ ଦୁର୍ଘଟଣା କମାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ବିଡ଼ମ୍ବନାର ବିଷୟ, ଓଡ଼ିଶାରେ ୧୦ ପ୍ରତିଶତ କମିବା ବଦଳରେ ବଢ଼ିଚାଲିଛି, ଯାହା କି ଏକ ଚିନ୍ତାଜନକ ବିଷୟ ବୋଲି ମଣିପୁର ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ମହାପାତ୍ର କହିଛନ୍ତି। ସଚେତନତା ମାଧ୍ୟମରେ ସଡ଼କ ଦୁର୍ଘଟଣା ମାତ୍ରା କମାଇବା ଲକ୍ଷ୍ୟରେ ଫୋରମ୍ ଫର୍ ସ୍ମାର୍ଟ ସିଟିଜେନ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଗତ ୧ ତାରିଖରୁ ସ୍କାଉଟ୍ ଗାଇଡ୍ ଛାତ୍ରୀଛାତ୍ରଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଗତ ୯ ତାରିଖରେ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ଜାତୀୟ ସଡ଼କ ସୁରକ୍ଷା ପରିଷଦର ପୂର୍ବତନ ସଭ୍ୟ ସୟଦ ମକବୁଲ ଅଲ୍ଲୀ ଛାତ୍ରୀଛାତ୍ରଙ୍କୁ ଟ୍ରାଫିକ୍ ସଚେତନତା ନେଇ ପ୍ରଶିକ୍ଷଣ ଦେଇଥିଲେ। କମିଶନରେଟ ପୋଲିସ ସହାୟତାରେ ସଂଗଠନ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇପାରିଥିବା ଫୋରମ୍ ଆବାହକ ବିଜୟ କୁମାର ପଟ୍ଟନାୟକ କହିଛନ୍ତି।

## ସଂକ୍ଷେପରେ

### ସେଲ୍‌ଫି ହେଲା କାଳ
### ନଦୀରେ ବୁଡ଼ି ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ

**ଗୋପ, ୩୧।୩(ଡି.ଏନ୍.ଏ.):** ଗୋପ ଥାନା ଅଧୀନ ବଣିଆସାହି ଗ୍ରାମର ବିଜୟ୍ କୁମାର ନାଗଙ୍କ ପୁତ୍ର ସୁମିତ୍ କୁମାର ନାଗ(୧୮)ଙ୍କ୍ ରବିବାର ମଧ୍ୟାହ୍ନରେ କୁଶଭଦ୍ରା ନଦୀରେ ବୁଡ଼ି ଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସୁମିତ୍ ଭୁବନେଶ୍ୱରରେ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ଦ୍ୱିତୀୟ ବର୍ଷର ଛାତ୍ର। ତାଙ୍କ ଗ୍ରାମରେ ଅନୁଷ୍ଠିତ ହେଉଥିବା ରାମଚରିତ ମାନସ ଦେଖିବାକୁ ଛୁଟିରେ ଆସିଥିଲେ। ସମ୍ପର୍କୀୟ ଦୁଇ ଭାଇଙ୍କ ସହ ନିକଟସ୍ଥ କୁଶଭଦ୍ରା ନଦୀକୁ ଗାଧୋଇ ଯାଇଥିଲେ। ଗାଧୋଉଥିବା ସମୟରେ ନିଜ ମୋବାଇଲ୍‌ରେ ସେଲ୍‌ଫି ନେଉଥିବାବେଳେ ଅସାବଧାନତା ଯୋଗୁ ଗଭୀର ନଦୀ ଜଳକୁ ଚାଲିଯିବାରେ ଆଉ ଉପରକୁ ଆସି ନ ପାରି ପାଣିରେ ବୁଡ଼ିଯାଇଥିଲେ। ପରେ ଏହି ସମ୍ପର୍କୀୟ ଦୁଇ ଭାଇ ଖବର ଦେବା ପରେ ସଙ୍ଗେ ସଙ୍ଗେ ଗୋପ ଦମକଳ ବାହିନୀର ଉଦ୍ଧାରକାରୀ ଦଳ ଓ ନିମାପଡ଼ାରୁ ଏକ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନଦୀ ଜଳରେ ଯୁବକଙ୍କୁ ଖୋଜିଥିଲେ ମଧ ପାଇ ନ ଥିଲେ। ଦୀର୍ଘ ୨ ଘଣ୍ଟା ପରେ ବେଣୀପୁର ଗ୍ରାମର ଜନୈକ ଯୁବକ ପାଣିରେ ବୁଡ଼ି ତାଙ୍କୁ ଉଦ୍ଧାର କରିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁକୁ ନେଇ ଗୋପ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବାବେଳେ ଯୁବକ ଜଣଙ୍କ ସିଲିକନ୍ ଇନିୟରିଂ କଲେଜର ଦ୍ୱିତୀୟ ବର୍ଷର ଛାତ୍ର ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଗୋପ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ସୌମ୍ୟଚିତ୍ ମିଶ୍ର କହିଛନ୍ତି।

### ଶ୍ରୀମନ୍ଦିର ଭିତରୁ କ୍ୟାମେରା ଜବତ

**ପୁରୀ ଅଫିସ, ୩୧।୩:** ଶ୍ରୀମନ୍ଦିର ଭିତରକୁ ରବିବାର ଜଣେ ଭକ୍ତଙ୍କଠାରୁ କ୍ୟାମେରା ଜବତ କରାଯାଇଛି। ଅପରାହ୍ନରେ ଜଣେ ଭକ୍ତ ଭିତର ବେଢାରେ କ୍ୟାମେରାରେ ଫଟୋ ଉଠାଉଥିବା ସୁରକ୍ଷା କର୍ମୀମାନେ ଦେଖିବାକୁ ପାଇଥିଲେ। ଏହାପରେ ସମ୍ପୃକ୍ତ ଭକ୍ତଙ୍କୁ ଧରି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟକୁ ଆଣିଥିଲେ। ତାଙ୍କ କ୍ୟାମେରା ଜବତ କରାଯିବା ସହ ସେ ଉଠାଇଥିବା ଫଟୋଗୁଡ଼ିକ ଡିଲିଟ୍ କରାଯାଇଥିଲା। ଶ୍ରୀମନ୍ଦିର ଭିତରକୁ କ୍ୟାମେରା, ମୋବାଇଲ ଫୋନ ନିଷିଦ୍ଧ ରହିଛି। ପ୍ରବେଶ ପଥରେ ଠିକ୍ ଭାବେ ଯାଞ୍ଚ କରାଯାଉ ନ ଥିବାରୁ ବେଳେ ବେଳେ ଭକ୍ତମାନେ ଭିତରକୁ ମୋବାଇଲ ଫୋନ, କ୍ୟାମେରା ଆଦି ନେଇ ଯାଉଛନ୍ତି। ମନ୍ଦିର ଭିତର ଫଟୋ ଉଠାଇ ଏହାକୁ ସୋସିଆଲ ମିଡ଼ିଆରେ ଭାଇରାଲ କରୁଛନ୍ତି।



# ଚିରିଗଲା ପତିତପାବନ ବାନା

ପୁରୀରେ କାଳବୈଶାଖୀ

**ପୁରୀ ଅଫିସ, ୩୧।୩:** ରବିବାର ଅପରାହ୍ନ ପ୍ରାୟ ସାଢେ ୪ଟା। ପୁରୀରେ ଦେଖିବାକୁ ମିଳିଥିଲା କାଳବୈଶାଖୀର ପ୍ରଭାବ। ଖୁବ୍ ଜୋରରେ ବୋହିଥିଲା ପବନ। ଧୂଳି, ବାଲି ଏମିତି ଉଡିଥିଲା ରାସ୍ତାଘାଟରେ ଯିବାଆସିବା କରିବା ଅସମ୍ଭବ ହୋଇପଡିଥିଲା। ପଥଚାରୀ ଏବଂ ବାଇକ୍ ଚାଳକମାନେ କିଛି ସମୟ ଅଟକି ରହିଥିଲେ। ଏହାପରେ ଆରମ୍ଭ ହୋଇଥିଲା ଝିପି ଝିପି ବର୍ଷା। ଧୂଳି, ବାଲି ଉଡ଼ିବା ସାମାନ୍ୟ ବନ୍ଦ ହୋଇଯାଇଥିଲେ ହେଁ ପବନର ବେଗ ବଢିଥିଲା। ଆଉ ପବନର କୋପ ପଡିଥିଲା ଶ୍ରୀମନ୍ଦିର ନୀଳଚକ୍ର ଉପରେ। ଏଥିରେ ବନ୍ଧାଯାଇଥିବା ପତିତପାବନ ବାନାର କିଛି ଅଂଶ ଚିରି ଉଡିଯାଇଥିଲା। ପ୍ରାୟ ଅଧଘଣ୍ଟାଏ ଧରି କାଳବୈଶାଖୀ ପ୍ରଭାବରେ ପବନ ବୋହିଥିଲା। ଫଳରେ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା କେତେକ ହୋର୍ଡିଂ ଚିରି ଯାଇଥିଲା। ବିଶେଷକରି ପୁରୀ ବେଳାଭୂମିରେ ପର୍ଯ୍ୟଟକମାନେ ଅଧିକ ପ୍ରଭାବିତ ହୋଇଥିଲେ। ଅଚାନକ ବାଲି ଝଡ଼ରେ ସେମାନେ ଅସ୍ତବ୍ୟସ୍ତ ହୋଇପଡିଥିଲେ। ପରେ ପବନର ବେଗ ସାମାନ୍ୟ ହ୍ରାସ ପାଇଥିଲେ ମଧ ରାତି ପ୍ରାୟ ୯ଟା ପର୍ଯ୍ୟନ୍ତ ପବନ ବୋହିଥିଲା।



### ତପସ୍ୱିନୀ ଏକ୍ସପ୍ରେସ ଅଗ୍ନିକାଣ୍ଡ ମାମଲା: ମୁଖ୍ୟ ଅଭିଯୁକ୍ତ ଗିରଫ
# ପ୍ରତିଶୋଧ ନେବାକୁ ନିଆଁ ଲଗାଇ ଦେଇଥିଲେ

**ପୁରୀ ଅଫିସ,୩୧।୩**



- ସିସିଟିଭି ଫୁଟେଜରୁ ଚିହ୍ନଟ ହୋଇଥିଲେ ଅଭିଯୁକ୍ତ
- ତାଙ୍କ ନାମରେ ବିଭିନ୍ନ ଥାନାରେ ରହିଛି ଏକାଧିକ ମାମଲା
- ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରିବ ଜିଆର୍‌ପି



ପୁରୀ ରେଲ୍‌ୱେ ଷ୍ଟେଶନରେ ତପସ୍ୱିନୀ ଏକ୍ସପ୍ରେସ ଅଗ୍ନିକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଜିଆର୍‌ପି ଗିରଫ କରିଛି। ସେ ହେଲେ ବ୍ରହ୍ମଗିରି ଖଜୁରିଆ ଉବାସାହିର ଗାଣ୍ଡୁଆ ଓରଫ ଅଶୋକ କୁମାର ପ୍ରଧାନ। ତାଙ୍କୁ ପଚରାଉଚରା ପରେ ଘଟଣାର ପୂରା ପର୍ଦ୍ଦାଫାଶ ହୋଇଛି। ପ୍ରତିଶୋଧ ପରାୟଣ ହୋଇ ସେ ଟ୍ରେନ୍‌ରେ ନିଆଁ ଲଗାଇ ଦେଇଥିବା ଗାଣ୍ଡୁଆ ସ୍ୱୀକାର କରିଥିବା ପୋଲିସ କହିଛି। ତେବେ ଘଟଣା ପଛରେ ପ୍ରତିଶୋଧ ନା ଅନ୍ୟ କିଛି କାରଣ ରହିଛି ତାହାର ଅଧିକ ତଦନ୍ତ ପାଇଁ ଗିରଫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଜିଆର୍‌ପିର ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ବାହିନୀପତି ରବିବାର ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସେ କହିଲେ, ଗତ ୨୨ ତାରିଖ ହୋଲି ଦିନ ରେଲ୍‌ୱେ ଷ୍ଟେଶନର ପ୍ଲାଟ୍‌ଫର୍ମ ନଂ.୪ରେ ଏହି ଘଟଣା ଘଟିଥିଲା। ଏଥିରେ ୫ଟି ବଗି ଜଳିଯାଇଥିଲା। ପୁରୀ ରେଲ୍‌ୱେ ଷ୍ଟେଶନ ଅଧୀକ୍ଷକ ଏସ୍.କେ ନସ୍କରଙ୍କ ଅଭିଯୋଗ କ୍ରମେ ଆଇପିସି ଦଫା ୟୁଏସ୍/୪୩୬, ୪ ପିଡିପିପି ଆକ୍ଟ, ୧୫୧ ରେଲ୍‌ୱେ ଆକ୍ଟରେ ମାମଲା (ନଂ.୨୫/୧୯) ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ସିସିଟିଭି ଫୁଟେଜରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯିବା ପରେ ତାଙ୍କୁ ଧରିବାକୁ ଜିଆର୍‌ପି ଓ ଆର୍‌ପିଏଫର ସ୍ୱତନ୍ତ୍ର ଟାସ୍କ ଫୋର୍ସ(ଏସ୍‌ଟିଏଫ) ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଶନିବାର ରାତିରେ ଷ୍ଟେଶନ ପରିସରରୁ ଅଭିଯୁକ୍ତ ଗାଣ୍ଡୁଆଙ୍କୁ ଗିରଫ କରାଯାଇଥିଲା। ତାଙ୍କ ନାମରେ ପୁରୀର ବିଭିନ୍ନ ଥାନାରେ ଚୋରି, ଲୁଟ୍ ଆଦି ଏକାଧିକ ମାମଲା ରହିଛି। ପୂର୍ବରୁ ସେ ପୁରୀ ରେଲ୍‌ୱେ ଷ୍ଟେସନରେ ପର୍ଯ୍ୟଟକଙ୍କଠାରୁ ଚୋରି କରି ବହୁଥର ଧରାପଡି ଜେଲ୍ ଯାଇଥିଲେ। ଷ୍ଟେଶନ ପରିସର ଓ ଟ୍ରେନ୍‌ରୁ ବାରମ୍ବାର ଚୋରି ଅଭିଯୋଗ ଆସିବା ପରେ ପୋଲିସ ସମ୍ପୃକ୍ତ ଗ୍ୟାଙ୍ଗ୍ ଓ କେତେଜଣ ଅପରାଧୀଙ୍କ ଉପରେ କଡ଼ା ନଜର ରଖିଥିଲା। ଷ୍ଟେଶନ ପରିସରରେ ଗାଣ୍ଡୁଆଙ୍କୁ ଦେଖିଲେ ଡ୍ୟୁଟିରେ ଥିବା ଜିଆର୍‌ପି ଓ ଆର୍‌ପିଏଫ୍ ତାଙ୍କୁ ନ ଆସିବାକୁ ତାଗିଦ କରିଥିଲେ।

#### କେମିତି ରଚିଥିଲେ ଯୋଜନା

ବାରମ୍ବାର ଅପମାନିତ ହେବା ପରେ ଅଭିଯୁକ୍ତ ଗାଣ୍ଡୁଆ ପ୍ରତିଶୋଧପରାୟଣ ହୋଇ ଟ୍ରେନ୍‌ରେ ନିଆଁ ଲଗାଇ ଦେବାକୁ ଯୋଜନା କରିଥିଲେ। ଷ୍ଟେଶନକୁ କେତେବେଳେ କେଉଁ ଟ୍ରେନ୍ ଆସୁଛି, କେତେ ସମୟ ରହୁଛି, କେଉଁ ସମୟରେ ଡୋର୍ ଖୋଲା ରହୁଛି ତାହା ଉପରେ ସେ ନଜର ରଖୁଥିଲେ। ହୋଲି ଦିନ ତପସ୍ୱିନୀ ଏକ୍ସପ୍ରେସ ସକାଳ ୮ଟାରେ ପ୍ଲାଟ୍‌ଫର୍ମରେ ଲାଗିଥିଲା। ଟ୍ରେନର ସମସ୍ତ ଡୋର୍ ବନ୍ଦ ରହିଥିବାବେଳେ କେବଳ ଏସ୍ ୪ ଡୋର ଭୁଲ୍ ବଶତଃ ବନ୍ଦ ହୋଇ ନ ଥିଲା। ପୁଣି ହୋଲି ପାଇଁ ଷ୍ଟେଶନ ଫାଙ୍କା ରହିଥିବାରୁ ଏହା ସୁଯୋଗ ପାଲଟିଥିଲା। ସେ ଦିନ ୧୨ଟା ୩୪ରେ ଟ୍ରେନ ଭିତକୁ ପଶିଥିଲେ। ୧୨ଟା ୫୦ରେ ସେ ଏକ କପଡାରେ ଦିଆସିଲି ଦ୍ୱାରା ନିଆଁ ଲଗାଇ ଏକ ସିଟ୍ ଉପରେ ରଖି ସେଥିରେ ସବୁ ଦିଆସିଲି କାଠିକୁ ପକାଇ ବାହାରକୁ ଚାଲି ଯାଇଥିଲେ। ତେବେ ନିଆଁ ଲଗାଉଥିବାବେଳେ ତାଙ୍କ ହଳଦିଆ ଶାର୍ଟରେ ନିଆଁ ଲାଗିଯାଇଥିଲା। ତାହାକୁ ଏକ ଗଛମୂଳେ ଲୁଚାଇ ଚାଲିଯାଇଥିଲେ। ପୋଲିସ ସହ ଅଭିଯୁକ୍ତ ଗାଣ୍ଡୁଆ ଘଟଣାସ୍ଥଳକୁ ଯାଇ ଏସବୁ ଘଟଣାକ୍ରମ ବର୍ଣ୍ଣନା କରିବା ସହ ଉକ୍ତ ଶାର୍ଟକୁ ଦେଖାଇଥିଲେ ବୋଲି ବାହିନୀପତି କହିଛନ୍ତି। ଜିଆର୍‌ପି ଫାଣ୍ଡିରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆର୍‌ପିଏଫ ଥାନା ଅଧିକାରୀ ଗଗନ କୁମାର ଦାଶ, ଏସ୍‌ଆଇ ପି.କେ ସେଠୀ, ଜିଆର୍‌ପି ଏଏସଆଇ ଏସ.କେ.ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

#### ଅବହେଳାର ବିଭାଗୀୟ ତଦନ୍ତ ଚାଲିଛି

ଅନ୍ୟପକ୍ଷରେ କାହା ଅବହେଳାରୁ ଏଭଳି ଘଟଣା ଘଟିଲା। ସେ ଦିନ କେଉଁମାନେ ଡ୍ୟୁଟିରେ ଥିଲେ, ଘଟଣା ସମୟରେ ସେମାନେ କ'ଣ କରୁଥିଲେ। ପୂର୍ବତଟ ରେଲ୍ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଏହାର ବିଭାଗୀୟ ତଦନ୍ତ ଜାରି ରହିଛି ବୋଲି ଜିଆର୍‌ପିର ଭାରପ୍ରାପ୍ତ ଅଧିକାରୀ ବାହିନୀପତି କହିଛନ୍ତି। ଆର୍‌ପିଏଫ ଥାନାଧିକାରୀ ଜି.କେ.ଦାଶ କହିଛନ୍ତି, ଷ୍ଟେଶନ ପରିସରରେ ଆର୍‌ପିଏଫ ପକ୍ଷରୁ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ରହିଛି। ଘଟଣାର ପୁନରାବୃତ୍ତି ନ ଘଟିବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବାକୁ ଆଲୋଚନା ଚାଲିଥିବା ସେ କହିଛନ୍ତି।

### ଏସ୍‌ସିବିରେ ବିରଳ ଅପରେଶନ
# ଯୁବକଙ୍କ ଛାତିରୁ ବାହାରିଲା ତୀର

**କଟକ ଅଫିସ, ୩୧।୩**




ପାରିବାରିକ କଳହକୁ ନେଇ ଜଣେ ଯୁବକଙ୍କୁ ତୀର ମାଡ଼ ହୋଇଥିଲା। ତୀରଟି ତାଙ୍କ ଛାତିରେ ପଶି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲ ଅଣାଯାଇଥିଲା। କାଜୁଆଲିଟିରେ ପହଞ୍ଚିବା ପରେ ତାଙ୍କୁ ମେଡିକାଲର ହୃଦ୍‌ବକ୍ଷଶଲ୍ୟ ବିଭାଗରେ ଭର୍ତ୍ତି କରାଯାଇଥିଲା। ରବିବାର ସମ୍ପୃକ୍ତ ଯୁବକଙ୍କ ଅସ୍ତ୍ରୋପଚାର କରାଯାଇ ଛାତିରୁ ତୀର ବାହାର କରାଯାଇଛି। ଯୁବକ ଜଣକ ସମ୍ପୂର୍ଣ୍ଣ ସୁସ୍ଥ ଥିବା ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ମନୋଜ କୁମାର ପଟ୍ଟନାୟକ କହିଛନ୍ତି। ଯୁବକ ଜଣକ ହେଉଛନ୍ତି ମନୋଜ ବେହେରା (୩୦)। ତାଙ୍କ ଘର କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ ଦୁଣ୍ଡଗାଁ ଅଞ୍ଚଳରେ। ଶନିବାର ତାଙ୍କୁ ତୀର ମାଡ଼ ହୋଇଥିଲା।

# ଜଷ୍ଟିସ ଦୀପକ ମିଶ୍ରଙ୍କୁ ଡକ୍ଟରେଟ ଉପାଧି



ଜଷ୍ଟିସ ଦୀପକ ମିଶ୍ରଙ୍କୁ ଡକ୍ଟରେଟ ଉପାଧି ପ୍ରଦାନ କରାଯାଉଛି।

**କଟକ ଅଫିସ, ୩୧।୩**

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଇନ କ୍ଷେତ୍ରରେ ସମ୍ମାନଜନକ ଡକ୍ଟରେଟ ଉପାଧି ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ମାର୍ଚ୍ଚ ୨୮ ତାରିଖରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ୧୧ତମ କନଭୋକେସନ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଷ୍ଟିସ ଦୀପକ ମିଶ୍ରଙ୍କୁ ଏହି ଉପାଧି ପ୍ରଦାନ କରିବାର କାର୍ଯ୍ୟକ୍ରମ ଥିଲା। ହେଲେ କୌଣସି କାରଣବଶତଃ ଜଷ୍ଟିସ ମିଶ୍ର ଯୋଗଦେଇପାରି ନ ଥିଲେ। ଫଳରେ ରବିବାର ଜଷ୍ଟିସ ମିଶ୍ରଙ୍କୁ ତାଙ୍କ ବାସଭବନରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ କୁଳପତି ଡ. ପ୍ରଦୀପ କୁମାର ଚାନ୍ଦ ଏହି ଉପାଧି ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଜଷ୍ଟିସ ଦୀପକ ମିଶ୍ର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ପୂର୍ବରୁ ସେ ସୁପ୍ରିମକୋର୍ଟର ଜଷ୍ଟିସ, ଦିଲ୍ଲୀ ଓ ପାଟନା ହାଇକୋର୍ଟରେ ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ କରିଥିଲେ।

# ରାଜମିସ୍ତ୍ରିଙ୍କ 'ସୁନା' ଝିଅ ନିରୁପମା
### ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ୱର୍ଣ୍ଣପଦକ ପାଇଲେ

**ଭୁବନେଶ୍ୱର,୩୧।୩ (ବ୍ୟୁରୋ)**



ଦୃଢ ଇଚ୍ଛା ଶକ୍ତି ଥିଲେ ସବୁ କିଛି ସମ୍ଭବ ହୋଇଥାଏ। ହାର ମାନିଥାଏ ଅଭାବ ଅନଟନ। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ଜଣେ ପ୍ରତିଭାବାନ ଛାତ୍ରୀ ନିରୁପମା ଦଳାଇ। ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅନ୍ତର୍ଗତ ଘୁମୁସର ପଦର ଗ୍ରାମର ରାଜମିସ୍ତ୍ରି ରାଜକିଶୋର ଦଳାଇଙ୍କ ଝିଅ ହେଉଛନ୍ତି ନିରୁପମା। ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତରରେ ପ୍ରାଚୀନ ଭାରତୀୟ ଇତିହାସ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ବିଭାଗରେ ଟପ୍ପର ହୋଇଛନ୍ତି। ବିଶ୍ୱବିଦ୍ୟାଳୟର ୪୯ତମ ସମାବର୍ତ୍ତନ ଉତ୍ସବରେ ତାଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ସେ ମଧ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ବାଲୁଗାଁ କଲେଜରେ ୨୦୧୬-୧୭ ବର୍ଷରେ ସ୍ନାତକ ଇତିହାସ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ପାଇଥିଲେ। ତେଣୁ ଗାଁଲୋକେ ଖୁସିରେ ତାଙ୍କୁ ରାଜମିସ୍ତ୍ରିଙ୍କ ସୁନା ଝିଅ ବୋଲି ଡାକୁଛନ୍ତି।

ପିତା ରାଜକିଶୋର ରାଜମିସ୍ତ୍ରି କାମ କରି ପରିବାର ଚଳାନ୍ତି। ପରିବାରର ବହୁ ସମସ୍ୟା ଭିତରେ ଝିଅକୁ ଉଚ୍ଚ ଶିକ୍ଷା ଦେଉଛନ୍ତି। ନିରୁପମା କଠିନ ପରିଶ୍ରମ କରି ବାପାଙ୍କ ଇଚ୍ଛାକୁ ପୂରଣ କରିବାରେ ଲାଗିଛନ୍ତି। ମା' ଶକୁନ୍ତଳା ଦଳାଇଙ୍କୁ ଘରକାମରେ ସାହାଯ୍ୟ କରିବା ସହ ଆଉ ୪ଭଉଣୀଙ୍କୁ ମଧ ପାଠ ପଢିବାରେ ସହଯୋଗ କରିଥାନ୍ତି। ନିରୁପମା ବର୍ତ୍ତମାନ ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରାଚୀନ ଭାରତୀୟ ଇତିହାସ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ବିଭାଗରେ ଏମ୍‌ଫିଲ କରୁଛନ୍ତି। ଭବିଷ୍ୟତରେ ଜଣେ ଭଲ ପ୍ରଫେସର ହେବାକୁ ତାଙ୍କର ସ୍ୱପ୍ନ ରହିଛି।




ଆଜି ଓଡ଼ିଶା ଦିବସ ପରିପ୍ରେକ୍ଷୀରେ ରବିବାର ପୁରୀ ବେଳାଭୂମିରେ ସୁଦର୍ଶନ ସ୍ୟାଣ୍ଡ୍ ଆର୍ଟ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ପ୍ରସ୍ତୁତ ବାଲୁକା କଳା।

# ମହାନଦୀରୁ ଅଚିହ୍ନା ମୃତଦେହ ଉଦ୍ଧାର

**ଖୁଣ୍ଟୁଣୀ,୩୧।୩ (ଡି.ଏନ୍.ଏ.)**

ଖୁଣ୍ଟୁଣୀ ଥାନା ଅଧୀନ ଅନନ୍ତପୁର ଗ୍ରାମ ନିକଟ ମହାନଦୀରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ରବିବାର ଉଦ୍ଧାର କରାଯାଇଛି। ସେ ଏକ ନୀଳରଙ୍ଗର ଶର୍ଟ୍ସ ପ୍ୟାଣ୍ଟ ପିନ୍ଧିଥିବାବେଳେ ତାଙ୍କ ବୟସ ୨୫ରୁ ୩୦ ବର୍ଷ ମଧରେ ହେବ ବୋଲି ଅନୁମାନ କରାଯାଉଛି। ସକାଳେ ଉକ୍ତ ଗ୍ରାମର କେତେଜଣ ଲୋକ ଗାଧୋଇବାକୁ ଯାଇଥିବାବେଳେ ନଦୀକୂଳରେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଥାନାଧିକାରୀ ସୁଚିତ୍ରବିର୍ଯ୍ୟ ଦାସ, ଏସ୍ ଆଇ ଶୋଭରାଜ ପ୍ରିୟଦର୍ଶୀ ମହାନ୍ତି, ଆଠଗଡ ମାଜିଷ୍ଟ୍ରେଟ ସୁଧାଂଶୁ ଶେଖର ସାଓ ପହଞ୍ଚି ତଦନ୍ତ କରିଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। ମୃତ୍ୟୁର କାରଣ ଅସ୍ୱଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨/୧୯) ରୁଜୁ ହୋଇଛି।

# ଦାଦାବଟିକୁ ନେଇ ଯୁବକଙ୍କୁ ଛୁରାମାଡ଼

**ଭୁବନେଶ୍ୱର,୩୧।୩ (ବ୍ୟୁରୋ)**

କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ୍-୨ ଅଞ୍ଚଳରେ ଜଣେ ଯୁବକଙ୍କୁ ଶନିବାର ବିଳମ୍ବିତ ରାତିରେ ଛୁରାମାଡ଼ ହୋଇଛି। ଏଥିରେ ତାଙ୍କ ପିଠି, ହାତ ଓ ପେଟରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତ ଯୁବକ ହେଲେ ଖାରବେଳନଗର ୟୁନିଟ୍-୩ରେ ରହୁଥିବା ଚନ୍ଦନ ବାରିକ। ଏନେଇ ଚନ୍ଦନଙ୍କ ପରିବାର କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ଖୋଳତାଡ କରୁଛି। ଦାଦାବଟିକୁ ନେଇ ଏହି ଘଟଣା ଘଟିଥିବା ଜଣାପଡିଛି।

ଅଭିଯୋଗ ଅନୁଯାୟୀ, ଚନ୍ଦନ ସିଟି କେବୁଲରେ କାମ କରନ୍ତି। ସେ ଶନିବାର ରାତିରେ ୟୁନିଟ୍-୨ ଅଞ୍ଚଳରେ କାମ କରୁଥିଲେ। ତାଙ୍କୁ ଉକ୍ତ ଅଞ୍ଚଳର କିଛି ଗୁଣ୍ଡା ଶ୍ରେଣୀର ଲୋକ ଦାଦା ବଟି ମାଗିଥିଲେ। ହେଲେ ଚନ୍ଦନ ଏହାକୁ ବିରୋଧ କରିଥିଲେ। କାମ ସାରି ଚନ୍ଦନ ଘରକୁ ଫେରୁଥିବା ବେଳେ ସେମାନେ ତାଙ୍କୁ ଅଟକାଇଥିଲେ। ପ୍ରଥମେ ଉଭୟଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା। ପରେ ସେମାନେ ସଂଘବଦ୍ଧ ଭାବେ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚନ୍ଦନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ।

# ଏସ୍‌ସିବି ଆଉଟ୍‌ଡୋର ବାରଣ୍ଡାରେ ଚାଲିଗଲା ଜୀବନ

**କଟକ ଅଫିସ,୩୧।୩**

- ଚିକିତ୍ସା ପାଇଁ ଅର୍ଥ ବାଧକ
- ଦିନତମାମ ପଡ଼ିରହିଲା ମୃତଦେହ

କଟକ ଏସ୍‌ସିବି ମେଡିକାଲରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଚିକିତ୍ସା ପାଇଁ ଅର୍ଥ ଅଭାବରୁ ମେଡିକାଲ ବାରଣ୍ଡାରେ ପଡିରହି ଶନିବାର ବିଳମ୍ବିତ ରାତିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ହେଲେ ମୃତଦେହଟି ରବିବାର ଦିନତମାମ ପଡ଼ି ରହିଥିଲେ ମଧ ଏଥିପ୍ରତି କାହାର ଦୃଷ୍ଟି ନ ଥିଲା। ମୃତଦେହକୁ ଧରି ତାଙ୍କ ଦିଅର ମେଡ଼ିକାଲ ସାରା ସହାୟତା ଲୋଡ଼ିଥିଲେ। ହେଲେ ମୃତଦେହକୁ ନେଇ ନିଜ ଗାଁକୁ ଫେରିବାକୁ ଟଙ୍କା ଯୋଗାଡ଼ କରିପାରିଲେନି। ଶେଷରେ ସାମାଜିକ କର୍ମୀ ଅଭିମନ୍ୟୁ ଦାସଙ୍କ ସହଯୋଗରେ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ଖାନ୍‌ନଗର ଶ୍ମଶାନରେ ରବିବାର ସନ୍ଧ୍ୟାରେ ସତ୍କାର କରାଯାଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ସାଲେପୁର ଅଞ୍ଚଳର ରେଣୁ ଦାସ(୪୫)ଙ୍କ ପେଟରେ ଯନ୍ତ୍ରଣା ହେବାରୁ ଚିକିତ୍ସା ଲାଗି ଗତ ଗୁରୁବାର ମେଡିକାଲର ମେଡିସିନ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସହିତ ଦିଅର ସୋନା ମେଡ଼ିକାଲ ଆସିଥିଲେ। ରେଣୁଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ ବୋଲି ଡାକ୍ତର ସୋନାଙ୍କୁ କହିଥିଲେ। ଭଲ ଚିକିତ୍ସା ପାଇଁ ଅଧିକ ଟଙ୍କା ଦରକାର। ଚିକିତ୍ସା ନ କଲେ ରେଣୁଙ୍କର ମୃତ୍ୟୁ ଘଟିପାରେ ବୋଲି ଚିକିତ୍ସା କରୁଥିବା ଡାକ୍ତର କହିଥିଲେ। ହେଲେ ଏଥିପାଇଁ ଆବଶ୍ୟକ ପରିମାଣର ଅର୍ଥ ସୋନାଙ୍କ ପାଖରେ ନ ଥିଲା। ଏହାପରେ ଚିକିତ୍ସା ନ କରି ପାରି ରେଣୁଙ୍କୁ ଆଣି ସୋନା ମେଡ଼ିକାଲର ଆଉଟଡୋର ବାରଣ୍ଡାରେ ରଖିଥିଲେ। ତାଙ୍କୁ ଗାଁକୁ ନେବା ପାଇଁ ସୋନା ଅର୍ଥ ଯୋଗାଡ଼ କରିବାରେ ଲାଗିଥିଲେ। ମାତ୍ର ଶନିବାର ବିଳମ୍ବିତ ରାତିରେ ରେଣୁଙ୍କର ମୃତ୍ୟୁ ଘଟିଥିଲା। ସୂଚନାଯୋଗ୍ୟ, ରେଣୁଙ୍କ ସ୍ୱାମୀଙ୍କର ପୂର୍ବରୁ ମୃତ୍ୟୁ ଘଟିଛି।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



"ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳ ଗୌରବ ମଧୁସୂଦନ ଦାସ

## ସଂକ୍ଷେପରେ

### ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ

**ବାଙ୍କୀ,୩୧।୩(ସ୍ୱ.ପ୍ର): ** ବାଙ୍କୀ ବ୍ଲକ ଅନ୍ତର୍ଗତ କନ୍ତପହଁରାଠାରେ ରବିବାର ସାମାଜିକ କର୍ମୀ ଗୌତମ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜିକ କର୍ମୀ ମିଶ୍ର ଉପସ୍ଥିତ ଜନସାଧାରଣଙ୍କୁ ଅଂଶୁଘାତ ସମ୍ପର୍କରେ ସଚେତନ କରିବା ସହ କିପରି ଏହାର ପ୍ରତିରୋଧ କରିହେବ ସେ ସମ୍ପର୍କରେ ବୁଝାଇଥିଲେ। ଖରାବେଳେ ବାହାରକୁ ଯିବା ସମୟରେ ମୁଣ୍ଡରେ ଓଦାକନା, ଗାମୁଛା ପକାଇବା ସହ ଛତା, ଟୋପି , କଳାଚଷମା ବ୍ୟବହାର କରବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସୁବ୍ରତ ଗୋଛି, ସୁଶାନ୍ତ ଖଟୁଆ, ନବହରି ସେଠୀ, ପବନ ମହାନ୍ତିଙ୍କ ସମେତ ଅନେକ ଗ୍ରମବାସୀ ଉପସ୍ଥିତ ଥିଲେ।

### ରାତି ପାଟ୍ରୋଲିଂ ବେଳେ ଧରାପଡ଼ିଲେ ବନ୍ଧୁକ, ଗୁଳି, ବାଇକ୍ ଜବତ: ୨ ଗିରଫ

**କଟକ ଅଫିସ୍, ୩୧।୩:** ପାଟ୍ରୋଲିଂ ବେଳେ ଚାଉଳିଆଗଞ୍ଜ ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବାରଙ୍ଗ ଥାନା ବେଣ୍ଟକରପଡା ଅଞ୍ଚଳର ରଞ୍ଜନ ଭୂୟାଁ ଓ ମାଲଗୋଦାମ ଥାନା ଅଧୀନ ଯୋବ୍ରା ଅଞ୍ଚଳର କେ. ମୁନ୍ନା ରାଓ। ପୋଲିସ ସେମାନଙ୍କଠାରୁ ଗୋଟିଏ ୯ ଏମ୍ଏମ୍‌ର ବନ୍ଧୁକ, ଦୁଇଟି ଗୁଳି, ଏକ ନମ୍ବର ବିହୀନ ବାଇକ୍ ଓ ଗୋଟିଏ ମାଗାଜିନ୍ ଜବତ କରିଛି। ଥାନାରେ ଏକ ମାମଲା(ନଂ.୯୭/୧୯) ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ରାତି ପ୍ରାୟ ୧୨ଟାରେ ଚାଉଳିଆଗଞ୍ଜ ପୋଲିସ ଗାନ୍ଧୀଛକ ନିକଟରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଅଭିଯୁକ୍ତ ଦ୍ୱୟ ଉକ୍ତ ବାଇକ୍‌ରେ ଦ୍ରୁତଗତିରେ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚବେଳେ ସେମାନଙ୍କ ପାଖରୁ ଉକ୍ତ ବନ୍ଧୁକ, ମାଗାଜିନ୍ ଓ ଗୁଳି ବାହାରିଥିଲା। ହେଲେ ସେମାନେ ଉକ୍ତ ବନ୍ଧୁକର ଲାଇସେନ୍ସ ଦେଖାଇ ନ ପାରିବାରୁ ପୋଲିସ ଗିରଫ କରିଥିଲା। ପଚରାଉଚରା ପରେ ଉଭୟ ଡକାୟତି କରିବା ଉଦ୍ଦେଶ୍ୟରେ ଯାଉଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଥିଲେ। ସେ ବନ୍ଧୁକ କେଉଁଠୁ ଆଣିଥିଲେ ତାହା ଉପରେ ପୋଲିସ ତଦନ୍ତ ଜାରି ରଖିଛି।

### ଯୁବତୀଙ୍କ ଚରିତ୍ରକୁ ଆକ୍ଷେପ: ଅଭିଯୁକ୍ତ ଗିରଫ

**କଟକ ଅଫିସ୍, ୩୧।୩:** ଜଣେ ଯୁବତୀଙ୍କ ବିବାହ ଭାଙ୍ଗିବା ପାଇଁ ତାଙ୍କ ଚରିତ୍ରକୁ ନେଇ ଆକ୍ଷେପ କରିବା ଅଭିଯୋଗରେ ଲାଲବାଗ୍ ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମର୍କତନଗର ଥାନା ସିଡିଏ ସେକ୍ଟର-୮ ଅଞ୍ଚଳର ଶୁଭ ସନ୍ତୋଷ କାନୁନ୍‌ଗୋ(୩୪)। ପୋଲିସ ସୂଚନା ଅନୁଯାୟୀ, ଲାଲବାଗ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ କାନୁନ୍‌ଗୋଙ୍କର ପୂର୍ବରୁ ସମ୍ପର୍କ ଥିଲା। ଏପରି କି ସେ ଉକ୍ତ ଯୁବତୀଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ଯୁବତୀଙ୍କ ଘର ଲୋକ ରାଜି ହୋଇ ନ ଥିଲେ। ଫଳରେ ୧ ବର୍ଷ ତଳେ କାନୁନ୍‌ଗୋ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିଥିଲେ। କିନ୍ତୁ ଏବେ ସମ୍ପୃକ୍ତା ଯୁବତୀଙ୍କ ବିବାହ ଅନ୍ୟ ଜଣେ ଯୁବକଙ୍କ ସହ ଠିକ୍ ହୋଇଛି। ଏହା ଜାଣିବା ପରେ କାନୁନ୍‌ଗୋ ଉକ୍ତ ଯୁବକଙ୍କୁ ଭେଟି ଯୁବତୀଙ୍କ ଚରିତ୍ର ଖରାପ ବୋଲି କହିଥିଲେ। ଏ କଥା ଯୁବତୀ ଜଣଙ୍କ ଜାଣିବା ପରେ ଶନିବାର ଲାଲବାଗ୍ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୬୦/୧୯) ରୁଜୁ ହୋଇଛି।

## କମିଶନରେଟ ପୋଲିସର ଅଜବ ନୀତି

# ନ୍ୟାୟ ବଦଳରେ ମିଛ ମାମଲା

- ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ
- ଧମକ ଦେଉଥିଲେ, ଏବେ ଫସାଇଥିବା ଅଭିଯୋଗ

**ଭୁବନେଶ୍ୱର,୩୧।୩ (ବ୍ୟୁରୋ)**

ପୋଲିସ ଠିକ୍ ଭାବେ ତଦନ୍ତ କରୁ ନ ଥିବାରୁ ଆଜି ଅନେକ ନିର୍ଦ୍ଦୋଷ ଦଣ୍ଡ ପାଉଛନ୍ତି। ନିକଟରେ କଟକ ଲାଲବାଗ ଥାନା ପୋଲିସ ଏନ୍‌ବିଡବ୍ଲ୍ୟୁରେ ପ୍ରକୃତ ଅଭିଯୁକ୍ତଙ୍କ ବଦଳରେ ଜଣେ ନିର୍ଦ୍ଦୋଷଙ୍କୁ ଗିରଫ କରିଥିଲା। ପୋଲିସର ଭୁଲ୍ ଯୋଗୁ ଏପରି ଘଟିଥିବା ନିଜେ ପୋଲିସ କମିଶନର କହିଥିଲେ। ଭୁବନେଶ୍ୱରରେ ମଧ୍ୟ ଏଭଳି ଏକାଧିକ ଘଟଣା ଘଟିଛି। ଆଉ କେତେକସ୍ଥଳେ ପୋଲିସ ଚାପରେ ହେଉ ଅବା ଲାଞ୍ଚ ନେଇ ପ୍ରକୃତ ଅଭିଯୁକ୍ତଙ୍କୁ ଗିରଫ ନ କରି ଓଲଟା ଅଭିଯୋଗକାରୀଙ୍କୁ ମିଛ ମାମଲାରେ ଫସାଇବାକୁ ଷଡ଼ଯନ୍ତ୍ର ରଚୁଛି। ଏମିତି ଏକ ଘଟଣା ଏବେ ସାମ୍ନାକୁ ଆସିଛି। ଜଣେ ଅଭିଯୁକ୍ତଙ୍କୁ ଖାରବେଳ ନଗର ଓ କ୍ୟାପିଟାଲ ଥାନା ପୋଲିସ ଗିରଫ ନ କରିବାରୁ ସେ ଭିନ୍ନ ମାମଲାରେ ଅଭିଯୋଗକାରୀଙ୍କୁ ଫସାଇ ଦେଇଥିବା ଅଭିଯୋଗ ହୋଇଛି। ମହିଳା ଥାନା ପୋଲିସ ତାଙ୍କ ନାମରେ ମାମଲା ରୁଜୁ କରିଥିବା ହୋଟେଲ ସାଇନ ମାଲିକ ଇଜାବୁଲ ଖାଁ କହିଛନ୍ତି। ଯେଉଁ ଯୁବତୀ ତାଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆଣିଛନ୍ତି ତାଙ୍କୁ ସେ କେବେ ଦେଖିନାହାନ୍ତି କି ଫୋନ୍‌ରେ ବି କଥା ହୋଇନାହାନ୍ତି। ପୋଲିସ ଠିକ ଭାବେ ତଦନ୍ତ ନ କରି କିପରି ମାମଲା ରୁଜୁ କରିଦେଲେ ତାହାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ତାଙ୍କୁ ବାରମ୍ବାର ହତ୍ୟା ଉଦ୍ୟମ କରାଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ପୋଲିସ ନ ଧରି ଓଲଟା ଫସାଇବାକୁ ଯୋଜନା କରିଥିବା ସେ କହିଛନ୍ତି।

ଇଜାବୁଲ୍‌ଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସମ୍ପତ୍ତିକୁ କବ୍‌ଜା କରିବା ପାଇଁ ଭାଇ ସଖାବୁଲ ଖାଁ ଉଦ୍ୟମ କରୁଛନ୍ତି। ଇଜାବୁଲ୍‌ଙ୍କ ହୋଟେଲ ନିକଟରେ ସଖାବୁଲଙ୍କର ଏକ ହୋଟେଲ ରହିଛି। ଫେବୃୟାରୀ ୧୩ରେ ସଖାବୁଲ୍ ସହଯୋଗୀଙ୍କ ସହ ତାଙ୍କ ହୋଟେଲରେ ପଶି ଭଙ୍ଗାରୁଜା କରିବା ସହ ଖଣ୍ଡାଧରି କର୍ମଚାରୀଙ୍କୁ ହାଣିବାକୁ ଗୋଡାଇଥିଲେ। ଏନେଇ କ୍ୟାପିଟାଲ ଥାନାରେ ମାମଲା (ନଂ.୬୨/୧୯) ରୁଜୁ ହୋଇଥିଲେ ମଧ୍ୟ ପୋଲିସ ଫେରାର କହି ମୁଖ୍ୟ ଅଭିଯୁକ୍ତ ସଖାବୁଲ୍‌ଙ୍କୁ ଗିରଫ କଲାନାହିଁ। ଫଳରେ ସେ ଥାନାରୁ ମାମଲା ଉଠାଇବା ପାଇଁ ଧମକ ଦେବା ସହ ସେହିମାସ ୧୮ ତାରିଖରେ ଖାରବେଳନଗର ଥାନା ଅନ୍ତର୍ଗତ ରିଜର୍ଭ ବ୍ୟାଙ୍କ୍ ପଛ ଗଳିରେ ସେ ଜାବୁଲଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ଏଥିସହ ଖଣ୍ଡା ଓ ବନ୍ଧୁକ ଧରି ଧମକାଇଥିଲେ। ଏନେଇ ଖାରବେଳନଗର ଥାନାରେ କେସ୍ ନଂ-୫୮/୧୯ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ଜଣକ ଖୁଲମ୍‌ଖୁଲା ବୁଲୁଥିବାବେଳେ ଖାରବେଳନଗର ଥାନା ପୋଲିସ ମଧ୍ୟ ତାଙ୍କୁ ଗିରଫ କରୁନାହିଁ। ଏପରିସ୍ଥଳେ ସେ ନିଜ ହୋଟେଲରେ କାମ କରୁଥିବା ଜଣେ ଯୁବତୀଙ୍କୁ ଲଗାଇ ଯୋଜନାବଦ୍ଧ ଭାବେ ମିଛ ଅଭିଯୋଗ କରିଥିବା ଇଜାବୁଲ କହିଛନ୍ତି। ଯୁବତୀ ଜଣକ ଅଭିଯୋଗ କରିଛନ୍ତି ଯେ, ଇଜାବୁଲ ତାଙ୍କ ହୋଟେଲରେ କାମ କରିବାକୁ ଫୋନ୍‌ରେ ଡାକି ଅସଦାଚରଣ କରିଥିଲେ। ଏପରି କି ତାଙ୍କୁ କାରରେ ବସାଇ ଘରକୁ ନେଇଥିବା ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ହେଲେ ପୋଲିସ ଯୁବତୀଙ୍କୁ ଉକ୍ତ କାର ନମ୍ବର ଓ ଅନ୍ୟ ସମ୍ପର୍କରେ ପଚାରିଥିଲେ ସେ କିଛି କହିପାରି ନ ଥିଲେ। ଏହି ଘଟଣା ସଂକ୍ରାନ୍ତରେ ପୋଲିସ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲେ। ମାତ୍ର ଯୁବତୀ ଜଣକ ଇଜାବୁଲଙ୍କ ଘରକୁ କେବେ ବି ଆସି ନ ଥିବା ପଡୋଶୀମାନେ କହିଛନ୍ତି।

ଏନେଇ ମହିଳା ଥାନା ଅଧିକାରୀ ଅନସୂୟା ନାୟକ କହିଛନ୍ତି, ଯୁବତୀଙ୍କ ଅଭିଯୋଗ ଆଧାରରେ ଆମେ ମାମଲା ରୁଜୁ କରି ତଦନ୍ତ କରୁଛୁ। ଅଭିଯୋଗ ଯଦି ମିଥ୍ୟା ବୋଲି ଜଣାପଡିବ ତେବେ କେସ୍‌କୁ ଡିସମିସ କରାଯିବ ବୋଲି ସେ କହିଛନ୍ତି।



ଭାଜପା ଏମ୍‌ପି ପ୍ରାର୍ଥୀ ପ୍ରକାଶ ମିଶ୍ର ଓ କଟକ ସଦର ବିଧାୟକ ପ୍ରାର୍ଥୀ ଦିଲୀପ ମଲ୍ଲିକ ପଦଯାତ୍ରାରେ ଯାଉଛନ୍ତି।

## ଭାଜପାର ରୋଡ୍ ଶୋ

- ମହାପୁରୁଷଙ୍କ ଆଶୀର୍ବାଦ ନେଲେ ପ୍ରକାଶ, ଦିଲୀପ

**ନିଶ୍ଚିନ୍ତକୋଇଲି,୩୧।୩(ସ୍ୱ.ପ୍ର.)**

ରବିବାର କଟକ ସଦର ନିର୍ବାଚନମଣ୍ଡଳୀରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ରୋଡ ଶୋ ଅନୁଷ୍ଠିତ ହୋଇଛି। ଏଥିରେ କଟକ ଏମ୍‌ପି ପ୍ରାର୍ଥୀ ପ୍ରକାଶ ମିଶ୍ର ଓ କଟକ ସଦର ବିଧାୟକ ପ୍ରାର୍ଥୀ ଦିଲୀପ ମଲ୍ଲିକ ଯୋଗ ଦେଇ ନିଜ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ରୋଡ ଶୋ କଟକ ସଦର ନିର୍ବାଚନମଣ୍ଡଳୀ କନ୍ଦରପୁରଠାରୁ ଆରମ୍ଭ ହୋଇ ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ପଞ୍ଚାୟତର ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠଠାରେ ଶେଷ ହୋଇଥିଲା। ପରେ ଦୁଇ ପ୍ରାର୍ଥୀ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠକୁ ଯାଇ ଦର୍ଶନ କରିବା ଆଶୀର୍ବାଦ ଭିକ୍ଷା କରିଥିଲେ। ଏହାପରେ ମହିମା ଗାଦିକୁ ଯାଇ କର୍ମୀମାନଙ୍କୁ ଦଳର ଆଭିମୁଖ୍ୟ ଓ ନିର୍ବାଚନର ରଣ କୌଶଳ ସମ୍ପର୍କରେ ଗୁରୁବାଣୀ ଦେଇଥିଲେ। ରୋଡ ଶୋ ସମୟରେ ଜନାର୍ଦ୍ଦନପୁର ପଞ୍ଚାୟତର ଗୋପୀନାଥପୁର ନିକଟରେ ଶହୀଦ ଗୋପୀନାଥ ମହାରଣାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜନାର୍ଦ୍ଦନପୁର, କଳମିଶ୍ରି, ସାନ୍ତପୁର, ବନ୍ଧୁପୁର, ନେମାଳ ଓ ତିଳକଣା ଅଞ୍ଚଳର ଜନସାଧାରଣ ଓ କର୍ମୀ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ନେମାଳ ସରପଞ୍ଚ ସେକ ମୁକ୍ତାର ଅଲ୍ଲୀ, ଯୁବନେତା ସୁବାସ ଦାସ, ମଣ୍ଡଳ ସଭାପତି ରଞ୍ଜନ ନନ୍ଦ, ନିର୍ମଳ ଦାସ, ଜିତେନ୍ଦ୍ର ଜେନା, ଆଲୋକ ମହାନ୍ତି, ସରୋଜ ରଣା, ଶରତ ଜେନା ଓ ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।



ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଓ ଯୁବ ସମାବେଶରେ ମାହାଙ୍ଗା ବିଧାୟକ ପ୍ରାର୍ଥୀ ପ୍ରତାପ ଜେନା ଓ କେନ୍ଦ୍ରାପଡ଼ା ଏମ୍‌ପି ପ୍ରାର୍ଥୀ ଅନୁଭବ ପଟ୍ଟନାୟକ।

## ବିଜେଡିର ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ, ଯୁବ ସମାବେଶ

**ମାହାଙ୍ଗା,୩୧।୩(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଗୋକନ ଭଞ୍ଜ ମଣ୍ଡପଠାରେ ବ୍ଲକ ବିଜେଡି ପକ୍ଷରୁ ଯୁବ ଛାତ୍ର ସମାବେଶ ଓ ହକ ମାଗୁଛି ଓଡିଶା କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାହାଙ୍ଗା ବିଜେଡି ବିଧାୟକ ପ୍ରାର୍ଥୀ ତଥା ମନ୍ତ୍ରୀ ପ୍ରତାପ ଜେନା ଓ କେନ୍ଦ୍ରାପଡ଼ା ଏମ୍‌ପି ପ୍ରାର୍ଥୀ ଅନୁଭବ ମହାନ୍ତି ନିଜର ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ଜେନା ଓ ମହାନ୍ତିଙ୍କୁ କର୍ମୀ କଇଥାଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ସଭାସ୍ଥଳକୁ ପାଛୋଟି ଆଣିଥିଲେ। ମୁଖ୍ୟଅତିଥିଭାବେ ଜେନା ଯୋଗଦେଇ ନବୀନ ପଟ୍ଟନାୟକ କଥାରେ ନୁହେଁ କାମରେ କରି ଦେଖାନ୍ତି। ଯେଉଁଥି ପାଇଁ ପୁଣି ସେ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଏମପି ପ୍ରାର୍ଥୀ ଅନୁଭବ ଯୋଗଦେଇ ବିଜୁ ବାବୁଙ୍କ କଥା କହିବା ସହ ଭୋଟ୍ ଭିକ୍ଷା କରିଥିଲେ। ବ୍ଲକ ବିଜେଡି ସଭାପତି ରାଜ କିଶୋର ଜେନା, ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ବ୍ଲକ ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ଉପାଧ୍ୟକ୍ଷା ରଶିଦା ବେଗମ, ଭିକାରୀ ଚରଣ ସ୍ୱାଇଁ, ଆମ୍ବା ଅଧ୍ୟକ୍ଷ ଗୌତମ ଶରଣ, ବ୍ଲକ ବିଜେଡି ଉପସଭାପତି ସଦାଶିବ ଦାଶ, ଜିଲା ପରିଷଦ ସଭ୍ୟ ହୃଷୀକେଶ ସ୍ୱାଇଁ, ବିବେକାନନ୍ଦ ପାଣି, ସରପଞ୍ଚ ବିଜୟ ରାଉତ, ସମିତିସଭ୍ୟା ପ୍ରତିମା ସାମଲ, ଚାରୁଲତା ନିହାଣ ଓ ଅମୀୟ ନାୟକ ପ୍ରମୁଖଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଏବଂ କର୍ମୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବାଙ୍କୀ,୩୧।୩(ସ୍ୱ.ପ୍ର.)**

ବାଙ୍କୀ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ ପ୍ରଧାନଶିକ୍ଷକ ପ୍ରଭାକର ପ୍ରଧାନ ରବିବାର ଅବସର ଗ୍ରହଣ କରିଛନ୍ତି। ବିଦ୍ୟାପୀଠ ପକ୍ଷରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ଉତ୍ସବରେ ବରିଷ୍ଠ ଶିକ୍ଷକ ପଣ୍ଡିତ ନଗେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ଅତିଥି ଶିକ୍ଷୟିତ୍ରୀ ବିନୋଦିନୀ ଦିକ୍ଷିତ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଧାନଙ୍କ ଦକ୍ଷତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ଗୋବିନ୍ଦ୍ର ଚନ୍ଦ୍ର ତ୍ରିପାଠୀ, କାଳନ୍ଦୀ ଚରଣ ମହାନ୍ତି, ଶିକ୍ଷୟିତ୍ରୀ ବିଣାପାଣି ଦାସ, ନିବେଦିତା ଜେନା, ବିନୋଦିନୀ ନାୟକ, ଜ୍ୟୋତିର୍ମୟୀ ପଣ୍ଡା, ପାର୍ବତୀ ମୁର୍ମୁ, ମଞ୍ଜୁଲତା ସୁବୁଦ୍ଧି, ମିନୁଶ୍ରୀ ମଲ୍ଲିକ, ପୁନମ୍ ଗୁପ୍ତା ଓ ମଞ୍ଜୁଲତା ମଲ୍ଲିକ ପ୍ରମୁଖ ଯୋଗଦେଇ ପ୍ରଧାନଙ୍କ ଗୁଣଗାନ କରିଥିଲେ। ସହକାରୀ ଶିକ୍ଷକ ଗୋବିନ୍ଦ୍ର ଚନ୍ଦ୍ର ତ୍ରିପାଠୀ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଭାବେ ଦାୟିତ୍ୱଗ୍ରହଣ କରିବା ସହ ଧନ୍ୟବାଦ ଦେଇଥିଲେ।



ତିଗିରିଆ ପୋଲିସ ଓ ପ୍ରଶାସନ ପକ୍ଷରୁ ଗାଡ଼ି ଯାଞ୍ଚ କରାଯାଉଛି।

## ପୋଲିସ, ପ୍ରଶାସନ ପକ୍ଷରୁ ଗାଡ଼ି ଯାଞ୍ଚ

**ତିଗିରିଆ,୩୧।୩ (ଡି.ଏନ.ଏ.)**

ସାଧାରଣ ନିର୍ବାଚନ ପୂର୍ବରୁ ତିଗିରିଆ ପୋଲିସ ଓ ପ୍ରଶାସନ ପକ୍ଷରୁ ରବିବାର ଥାନା ଅନ୍ତର୍ଗତ ୬୫ ନଂ ରାଜ୍ୟ ରାଜପଥର ବିନ୍ଧାଣିମା ବାଇପାସ ହନୁମାନ ଛକଠାରେ ବିଭିନ୍ନ ଚାରି ଚକିଆ ଯାନଗୁଡ଼ିକୁ ଯାଞ୍ଚ କରାଯାଇଛି। ନିର୍ବାଚନରେ ବେଆଇନ ଅର୍ଥ କାରବାର ରୋକିବାକୁ ଏହି ଯାଞ୍ଚ କରାଯାଉଥିବା କୁହାଯାଇଛି। ତିଗିରିଆ ତହସିଲଦାର ପରେଶ କୁମାର ନାୟକ, ଅତିରିକ୍ତ ତହସିଲଦାର ହେମନ୍ତ କୁମାର ନାୟକ, ଥାନା ଏଏସଆଇ ରବୀନ୍ଦ୍ର କୁମାର କାନୁନଗୋ ପ୍ରମୁଖ ବିଭିନ୍ନ ଦିଗରୁ ଆସୁଥିବା ଗାଡ଼ିଗୁଡ଼ିକୁ ଯାଞ୍ଚ କରିଥିଲେ। ଏହି ପ୍ରକ୍ରିୟା ମତଦାନ ହେବା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ତହସିଲଦାର ନାୟକ ପ୍ରକାଶ କରିଛନ୍ତି।



ଆଠଗଡ଼ ବିଜେଡିର ମିଶ୍ରଣ ପର୍ବରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

- ଆଠଗଡ଼ ବିଜେଡିର ମିଶ୍ରଣ ପର୍ବ

## ଶତାଧିକ ସମର୍ଥକଙ୍କ ସହ ଯୋଗ ଦେଲେ ୨ ସରପଞ୍ଚ

**ଆଠଗଡ଼,୩୧।୩(ସ୍ୱ.ପ୍ର.)**

ଆଠଗଡ଼ ବ୍ଲକ ବିଜେଡି ପକ୍ଷରୁ ରବିବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ଗୁରୁଡ଼ିଝାଟିଆ ସରପଞ୍ଚ ପ୍ରଜ୍ଞାସୁ ରଞ୍ଜନ ମହାପାତ୍ର ଓ ଦୋରଡ଼ ସରପଞ୍ଚ ଇଂ ଶୁଭକାନ୍ତ ନାଏକ ସେମାନଙ୍କ ଶତାଧିକ ସମର୍ଥକଙ୍କ ସହ ଆସି ବିଜେଡିରେ ଆନୁଷ୍ଠାନିକଭାବେ ଯୋଗ ଦେଇଛନ୍ତି। ସ୍ଥାନୀୟ ଶ୍ରୀରାମ ମଣ୍ଡପଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ, କଟକ ଜିଲା ପରିଷଦ ଉପାଧ୍ୟକ୍ଷ ସୁନିଲ ପରିଡ଼ା ମଞ୍ଚାସୀନ ଥିଲେ। ଗୁରୁଡ଼ିଝାଟିଆ ସରପଞ୍ଚ ମହାପାତ୍ର ପୂର୍ବରୁ ଭାଜପାକୁ ସମର୍ଥନ କରୁଥିଲେ। ଦୋରଡ଼ ସରପଞ୍ଚ ନାଏକ ସ୍ୱାଧୀନଭାବେ ବିଜୟୀ ଲାଭ କରିଥିଲେ।

### ବୈଶାଖୀ ବାଣିଜ୍ୟ ମେଳାର ତୃତୀୟ ସନ୍ଧ୍ୟା

## ଚଟ୍‌ପଟି ଖାଦ୍ୟ, ଦୋଳିର ମଜ୍ଜା ନେଲେ କଟକ ବାସିନ୍ଦା

**କଟକ ଅଫିସ, ୩୧।୩:** ବାଲିଯାତ୍ରା ପଡ଼ିଆରେ ଆରମ୍ଭ ହୋଇଥିବା ବୈଶାଖୀ ବାଣିଜ୍ୟ ମେଳାର ରବିବାର ଥିଲା ତୃତୀୟ ଦିନ। ଛୁଟିଦିନ ଥିବାରୁ ମେଳାପଡିଆରେ ବହୁ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ମେଳା ମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶେଷକରି ଓଡିଶୀ ଓ ଆଧୁନିକ ନୃତ୍ୟ ଦର୍ଶକଙ୍କୁ ଅଧିକ ଆନମନା କରିଥିଲା। କଟକର ପିଲାଙ୍କଠାରୁ ଆରମ୍ଭ କରି ବୟସ୍କମାନେ ମେଳାରେ ଚଟ୍‌ପଟି ଖାଦ୍ୟ ଖାଇବା ସହ ସହ ଦୋଳିର ମଜ୍ଜା ନେଇଥିଲେ। କଟକ ବାସିନ୍ଦାଙ୍କ ରୁଚିକୁ ନେଇ ରାଜସ୍ଥାନରୁ ଆସିଥିବା ଖାଦ୍ୟ ଷ୍ଟଲରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା। ସ୍ପେଶାଲ ପାଓଭାଜି, ରାଜକୋଚରି ଚାଟ୍, ମାରୱାଡି କୁଲ୍‌ଫି, ମୁଗଡାଲି କୋଚରି, ଯୋଧପୁରୀ ମାୱା କୋଚରି, ମୁଗଡାଲି ହାଲ୍‌ୱା ଭଳି ଖାଦ୍ୟର ଅଧିକ ଚାହିଦା ରହିଥିଲା। ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମେଳା କମିଟି ପକ୍ଷରୁ ସିସିଟିଭି ଲଗାଯିବା ସହ ସିକ୍ୟୁରିଟି ଗାର୍ଡ ମୁତୟନ ହୋଇଛନ୍ତି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## କଂଗ୍ରେସର ପୂର୍ବସ୍ଥିତିକୁ ଫେରାଇ ଆଣିବାକୁ ସଂକଳ୍ପ

**ଆଠଗଡ଼,୩୧।୩(ସ୍ୱ.ପ୍ର.)**

୭୦ ରୁ ୯୦ଦଶକ ପର୍ଯ୍ୟନ୍ତ ଆଠଗଡ଼ରେ କଂଗ୍ରେସ ଲଗାତାର କ୍ଷମତାରେ ରହିଆସିଥିଲା। ଏପରି କି ଏହି ନିର୍ବାଚନମଣ୍ଡଳୀରେ ବିଧାୟକଭାବେ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରତିନିଧିତ୍ୱ କରି ମୁଖ୍ୟମନ୍ତ୍ରୀ ହୋଇଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ କାରଣରୁ କଂଗ୍ରେସ କ୍ଷମତାଚ୍ୟୁତ ହେବା ସହ ସଂଗଠନ ଦୁର୍ବଳ ହୋଇପଡ଼ିଥିଲା। କିଛି ଦିନ ହେବ ପୂର୍ବତନ ବିଧାୟକ ତଥା କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଉମାବଲ୍ଲଭ ରଥ ଆଠଗଡ଼ରେ ସଂଗଠନ ଆରମ୍ଭ କରିଛନ୍ତି। ନିର୍ବାଚନରେ କଂଗ୍ରେସ ପକ୍ଷରୁ ସେ ପ୍ରାର୍ଥୀ ହେବାର ଚୂଡ଼ାନ୍ତ ହୋଇସାରିଛି। ତୃଣମୂଳ ସ୍ତରରେ ସଂଗଠନକୁ ଦୃଢ଼ୀଭୂତ କରିବା ପାଇଁ ଏକାଧିକ ବାର ବୈଠକ ଅନୁଷ୍ଠିତ ହୋଇସାରିଛି। ରବିବାର ଝରଣଛକ ନିକଟସ୍ଥ ଦଳୀୟ କାର୍ଯ୍ୟାଳୟଠାରେ ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମରୁ ଆସିଥିବା କର୍ମୀଙ୍କ ବୈଠକ ହୋଇଥିଲା। ପୂର୍ବରୁ ଯେପରି କଂଗ୍ରେସ ଏ ଅଞ୍ଚଳରେ କ୍ଷମତାସୀନ ଥିଲା ଆଗାମୀ ନିର୍ବାଚନରେ ପୁଣି କଂଗ୍ରେସକୁ ବହୁ ମତରେ କ୍ଷମତାକୁ ଫେରାଇ ଆଣିବା ପାଇଁ ସମସ୍ତ କର୍ମୀମ ସଂକଳ୍ପ କରିଥିଲେ। ବୈଠକରେ ଡ. ରଥ, ପୂର୍ବତନ ସରପଞ୍ଚ ଉଦୟନାଥ ନାୟକ, ନଗର ସଭାପତି ମାନସ ରଞ୍ଜନ ପଟ୍ଟନାୟକ, ନଗର ମହିଳା ସଭାନେତ୍ରୀ ସୁପ୍ରଭା ଦୋରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।



ବୈଠକରେ ଯୋଗଦେଇଥିବା କଂଗ୍ରେସ କର୍ମୀ ଓ ନେତା।

## ଗ୍ୟାସ୍ ଟାଙ୍କି ଫାଟି ଆଜ୍‌ବେଷ୍ଟେସ ଉଡ଼ିଗଲା

**ଆଠଗଡ଼,୩୧।୩(ସ୍ୱ.ପ୍ର.)**

ଆଠଗଡ଼ ଥାନା ଅନ୍ତର୍ଗତ କୁଲାଇଲୋ ପଞ୍ଚାୟତ କରକମଳ ଗ୍ରାମରେ ରବିବାର ମଧ୍ୟାହ୍ନରେ ଏକ ଗ୍ୟାସ୍ ଟାଙ୍କି ଫାଟି ୨ବଖରା ଘରର ଆଜ୍‌ବେଷ୍ଟେସ ଉଡ଼ିଯାଇଛି। ଏଥିସହିତ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଗ୍ରାମର ଆକୁଳ ଚନ୍ଦ୍ର ମହାନ୍ତି ଓ ଗୋକୁଳ ଚନ୍ଦ୍ର ମହାନ୍ତିଙ୍କ ଘରେ ୨ଟି ଗ୍ୟାସ ଭର୍ତ୍ତି ଟାଙ୍କି ଗଚ୍ଛିତ ରହିଥିଲା। ବାରଣ୍ଡା କାଠଚୂଲିରେ ରୋଷେଇ ହେଉଥିଲା। ହଠାତ୍ ଗୋଟିଏ ଗ୍ୟାସ୍ ଟାଙ୍କି ଫାଟି ଯାଇଥିଲା। ଫଳରେ ଘର ମଧ୍ୟରେ ନିଆଁ ଲାଗିଯାଇଥିଲା। ଘରର ଆଜବେଷ୍ଟସ୍ ଭାଙ୍ଗି ଗୁଣ୍ଡ ହୋଇଯାଇଥିଲା। ଆକୁଳ ଚନ୍ଦ୍ର ମହାନ୍ତିଙ୍କ ବୋହୂ ରୋଷେଇ କରୁଥିବା ସମୟରେ ଏହି ଘଟଣା ଘଟିଥିଲା। ଜୋରରେ ଶବ୍ଦ ହେବାରୁ ସେ ପ୍ରାଣ ଭୟରେ ବାଡ଼ିପଟକୁ ପଳାଇଥିଲେ। ଯଦ୍ୱାରା ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିଲେ। ଖବର ପାଇ ଆଠଗଡ଼ ଦମକଳବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଆଠଗଡ଼ ତହସିଲ ପକ୍ଷରୁ ରାଜସ୍ୱ ନିରୀକ୍ଷକ ଓ ଅନ୍ୟ କର୍ମଚାରୀ ପହଞ୍ଚି ତଦନ୍ତ କରିଛନ୍ତି।



ଗ୍ୟାସ୍ ଟାଙ୍କି ଫାଟି ନଷ୍ଟ ହୋଇଯାଇଥିବା ଘର।

## ଟ୍ରେନ୍‌ରେ କଟି ବୃଦ୍ଧଙ୍କ ମୃତ୍ୟୁ

**କଟକ ଅଫିସ, ୩୧।୩**

କଟକ ରେଳ ଷ୍ଟେଶନରେ ରବିବାର ଟ୍ରେନ୍‌ରେ କଟି ମଙ୍ଗଳାବାଗ ଥାନା ଥୋରିଆସାହି ଅଞ୍ଚଳର ଅଶୋକ ନାୟକ (୭୦)ଙ୍କ ମୃତ୍ୟୁ ଘଟିଛି। କଟକ ଜିଆର୍‌ପି ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ପଠାଇବା ସହ ଏ ନେଇ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଛି। ପୂର୍ବାହ୍ନ ୧୧ଟାରେ ଅଶୋକ ରେଳଧାରଣାରେ ପଡ଼ି ରହିଥିଲେ। ଧାରଣାରେ ଆସୁଥିବା ଟ୍ରେନ୍ ବ୍ରେକ୍ ମାରିଥିଲେ ମଧ୍ୟ ଏହାର ଆଗ ଚକ ତାଙ୍କ ଶରୀରର ମଧ୍ୟ ଭାଗରେ ଚଢି ଯାଇଥିଲା।

- ଭଉଣୀଭାଇ ବ୍ରହ୍ମପୁରରୁ ଉଦ୍ଧାର

## ଅପହରଣ ନୁହେଁ, ଘରୁ ରାଗି ପଳାଇଥିଲେ

**ନିଶ୍ଚିନ୍ତକୋଇଲି,୩୧।୩(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ଅଞ୍ଚଳର ଭଉଣୀଭାଇଙ୍କୁ ପୋଲିସ ଗଞ୍ଜାମ ଜିଲା ବ୍ରହ୍ମପୁରରୁ ଶନିବାର ରାତିରେ ଉଦ୍ଧାର କରିଛି। ରବିବାର ଭାଇଙ୍କୁ ପରିବାର ଜିମା ଦିଆଯାଇଥିବା ବେଳେ ଭଉଣୀ ଘରକୁ ଫେରିବାକୁ ଅନିଚ୍ଛା ପ୍ରକାଶ କରିବାରୁ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ପରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ କଟକ ବିଡ଼ାନାସୀସ୍ଥିତ ବସୁନ୍ଧରା ସଂସ୍ଥାରେ ରଖାଯାଇଛି। ଅନ୍ୟପକ୍ଷରେ ସେମାନଙ୍କୁ କେହି ଅପହରଣ କରି ନ ଥିଲେ ବରଂ ଘରୁ ରାଗି ବ୍ରହ୍ମପୁରର ଜଣେ ଫେସବୁକ୍ ସାଙ୍ଗ ନିକଟକୁ ଉଭୟ ପଳାଇଥିଲେ ବୋଲି ନାବାଳିକା ଜଣଙ୍କ କହିଛନ୍ତି।

ସୂଚନା ଅନୁସାରେ, ଗତ ୨୩ ତାରିଖରେ ଏହି ଭଉଣୀଭାଇ ଘରୁ ପଳାଇ ଯାଇଥିଲେ। ୨୫ ତାରିଖରେ ସେମାନଙ୍କ ବାପା ଆସି ଥାନାରେ ଅପହରଣ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଅନୁସାରେ ଏକ ମାମଲା ନଂ-୩୩/୧୯ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୨୭ତାରିଖରେ ବ୍ରହ୍ମପୁର ବଡ ବଜାର ଥାନା ଅଞ୍ଚଳରୁ ନାବାଳକ ଭାଇକୁ ଶିଶୁ ସୁରକ୍ଷା ବିଭାଗ ଉଦ୍ଧାର କରି ଥାନାରେ ଦେଇଥିଲା।

ପୋଲିସ ନାବାଳକଙ୍କ ପରିଚୟ ବୁଝି ନିଶ୍ଚିନ୍ତକୋଇଲି ଥାନାକୁ ସୂଚନା ଦେଇଥିଲା। ନିଶ୍ଚିନ୍ତକୋଇଲି ଥାନା ପକ୍ଷରୁ ମାମଲାର ତଦନ୍ତକାରୀ ଅଫିସର ରମାକାନ୍ତ ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ପହଞ୍ଚି ନାବାଳକ ଭାଇଙ୍କୁ ପଚରା ଉଚରା କରିଥିଲେ। ଏହାପରେ ନାବାଳିକାଙ୍କୁ ପୋଲିସ ଶନିବାର ଉଦ୍ଧାର କରିଥିଲା। ଉଭୟ ଭଉଣୀଭାଇଙ୍କୁ ରବିବାର ନିଶ୍ଚିନ୍ତକୋଇଲି ଥାନାକୁ ଅଣାଯାଇଥିଲା। ପଚରା ଉଚରା ପରେ ଭଉଣୀ କହିଥିଲେ, ଘରେ ପାଟିତୁଣ୍ଡ ହେବାରୁ ସେ ରାଗିକି ପଳାଇ ଯାଇଥିଲେ। ଯିବା ସମୟରେ ସାନ ଭାଇ ତାଙ୍କୁ ପିଛା କରୁଥିବାରୁ କାଳେ ସେ ଘରେ କହିଦେବ ସେଥିପାଇଁ ତାଙ୍କୁ ସାଙ୍ଗରେ ନେଇଯାଇଥିଲେ। ଘରୁ ଯିବା ପରେ ବ୍ରହ୍ମପୁର ଅଞ୍ଚଳରେ ତାଙ୍କର ଥିବା ଜଣେ ଫେସବୁକ୍ ସାଙ୍ଗ ସହ ଯୋଗାଯୋଗ କରିଥିଲେ। ତେବେ ବଜାରରୁ କୌଣସି କାରଣ ବଶତଃ ଭଉଣୀଭାଇଙ୍କ ମଧ୍ୟରେ ବିଚ୍ଛିନ୍ନ ହୋଇଯାଇଥିଲା। ଏହାପରେ ଭଉଣୀ ତାଙ୍କ ସାଙ୍ଗ ଘରେ ରହିବା ସହ ଏକ ବିୟୁଟି ପାର୍ଲରରେ କାର୍ଯ୍ୟ କରିବା ପାଇଁ ସ୍ଥିର କରିଥିବା ପୋଲିସ ଆଗରେ ପ୍ରକାଶ କରିଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥିବାବେଳେ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଥିଲା।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳ ଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ଟ୍ରେନ୍‌ରେ କଟି ବୃଦ୍ଧଙ୍କ ମୃତ୍ୟୁ

**କଟକ ଅଫିସ, ୩୧।୩:** କଟକ ରେଳ ଷ୍ଟେଶନରେ ରବିବାର ଟ୍ରେନ୍‌ରେ କଟି ମଙ୍ଗଳାବାଗ ଥାନା ଅନ୍ତର୍ଗତ ଥୋରିଆସାହି ଅଞ୍ଚଳର ଅଶୋକ ନାୟକ (୭୦)ଙ୍କ ମୃତ୍ୟୁ ଘଟିଛି। କଟକ ଜିଆର୍‌ପି ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ପଠାଇବା ସହ ଏ ନେଇ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଛି। ରବିବାର ସକାଳ ପୂର୍ବାହ୍ନ ୧୧ଟାରେ ଅଶୋକ ରେଳଧାରଣାରେ ପଡ଼ି ରହିଥିଲେ। ଏହି ଧାରଣାରେ ଆସୁଥିବା ଟ୍ରେନ୍ ବ୍ରେକ୍ ମାରିଥିଲେ ମଧ ଏହାର ଆଗ ଚକ ତାଙ୍କ ଶରୀରର ମଧ ଭାଗରେ ଚଢ଼ି ଯାଇଥିଲା। ଫଳରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ କିପରି ଭାବେ ରେଳଧାରଣାରେ ପଡି ରହିଥିଲେ ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଏ ନେଇ କଟକ ଜିଆର୍‌ପି ଏକ ଅପମୃତ୍ୟୁ ମାମଲା (ନଂ.୨୩/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

### ମାଡ଼ ମାରିବା ଘଟଣା: ଅଭିଯୁକ୍ତ ଗିରଫ

**କଟକ ସଦର, ୩୧।୩(ଡି.ଏନ୍.ଏ.):** ମାରପିଟ୍ ଘଟଣାରେ ଜଣେ ବ୍ୟକ୍ତିଙ୍କୁ ୪୨ ମୌଜା ଫାଣ୍ଡି ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ କନ୍ଦରପୁର ଥାନା ଅଧୀନ ସିଦ୍ଧେଶ୍ୱରପୁର ଗ୍ରାମର ଲକ୍ଷ୍ମୀଧର ସେଠୀ। ଏ ନେଇ କଟକ ସଦର ଥାନାରେ ଏକ ମାମଲା(ନଂ.୧୩୧/୧୯) ରୁଜୁ ହୋଇଥିଲା। ପୋଲିସ ସୂତ୍ରରୁ ପ୍ରକାଶ, ମାର୍ଚ୍ଚ ୧୭ ତାରିଖରେ ରାଉତ୍ରାପୁର ଗ୍ରାମର ବନ୍ଧୁଘରେ ଥାଇ ଅଭିଯୁକ୍ତ ଜଣଙ୍କ କୌଣସି କାରଣକୁ ନେଇ ପଡୋଶୀ ଅପର୍ତ୍ତୀ ସେଠୀଙ୍କ ପୁଅ ବିଜୟଙ୍କୁ ମାଡ଼ ମାରି ଆହତ କରିଥିଲେ। ଏହାପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ।

### ବିଜେଡି ବୈଠକ

**ଚୌଦ୍ୱାର, ୩୧।୩(ଡି.ଏନ୍.ଏ.):** ଚୌଦ୍ୱାରସ୍ଥିତ ବିଜେଡିର ଅସ୍ଥାୟୀ କାର୍ଯ୍ୟାଳୟରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ନଗର ବିଜେଡି ସଭାପତି ପ୍ରେମଚାନ୍ଦ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପୁଅ ସୌଭିକ ବିଶ୍ୱାଳଙ୍କୁ ଜିତାଇବା ପାଇଁ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ନିଜର ୧୫ବର୍ଷର ରାଜନୈତିକ ଅନୁଭୂତିକୁ ପାଥେୟ କରି ଏଥର ନିର୍ବାଚନୀ ବୈତରଣୀ ପାର କରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ବୈଠକରେ ୧୯ଟି ୱାର୍ଡ ଓ ୫ଟି ପଞ୍ଚାୟତର ଦଳୀୟ ମୁଖିଆ ଉପସ୍ଥିତ ରହି ଆଗାମୀ କାର୍ଯ୍ୟପନ୍ଥା ଉପରେ ମତାମତ ରଖିଥିଲେ। ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳ କହିଥିଲେ, ଯୁଗେଯୁଗେ ସତ୍ୟର ଜୟ ହୋଇଛି। ଚଳିତଥର ମଧ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ବିଜେଡି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଜନସାଧାରଣଙ୍କ ଆସ୍ଥା ଏବଂ ଭରସା ରହିଛି। ଏହି ବୈଠକରେ ପୂର୍ବତନ ନଗରପାଳ କୈଳାସ ଚନ୍ଦ୍ର ପୃଷ୍ଟି, ଜିଲା ପରିଷଦ ସଭ୍ୟ ଶ୍ରୀଧର ରାଉଳ, କରୁଣାକର ସାହୁ, ଜିଲା ଯୋଜନା ବୋର୍ଡ ସଦସ୍ୟ ଶୁଭେନ୍ଦୁ ସାମଲ, ଯୁବ ବିଜେଡି ସଭାପତି ବିଷ୍ଣୁଚରଣ ପରିଡା, ସମ୍ପାଦକ ସୁଜିତ ଜେନା, ଅଜୟ ବେହେରା, ସୌଭାଗ୍ୟ ରଞ୍ଜନ ବେଉରା, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଛାତ୍ରନେତା ଭରତ ସାହୁଙ୍କ ସମେତ ଦଳର ବହୁ କର୍ମୀ ଯୋଗଦେଇଥିଲେ।

### ବିଜେଡିର ମିଳନ ସମାରୋହ

**କଟକ ସଦର,୩୧।୩ (ଡି.ଏନ୍.ଏ.):** କଟକ ସଦର ବ୍ଲକ ବିଜେଡିର ମିଳନ ସମାରୋହ ରବିବାର ବିରିବାଟୀଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ଦଳୀୟ ପ୍ରାର୍ଥୀ ଚନ୍ଦ୍ରସାରଥୀ ବେହେରା, ବ୍ଲକ ଉପାଧକ୍ଷ ବିଭୂତି ଭୂଷଣ ପରିଡା, ଜିଲା ପରିଷଦ ସଭ୍ୟ ବୀରବର ଲେଙ୍କା, ମନୋରଞ୍ଜନ ମହାପାତ୍ର, ଆମ୍ବାର ସଭାପତି ସମର ବେହେରା, ପ୍ରମୋଦ ରାଉତ, କାଳିନ୍ଦୀ ସ୍ୱାଇଁ ଓ ରଜନୀକାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଚଳିତ ନିର୍ବାଚନକୁ ସମ୍ମୁଖୀନ ହେବା ପାଇଁ ଦଳୀୟ କର୍ମୀମାନେ ସଙ୍କଳ୍ପ ଗ୍ରହଣ କରିଥିଲେ। ମତାନ୍ତର ଓ ମନାନ୍ତର ଭୁଲି ଅନେକ ସରପଞ୍ଚ ଓ ସମିତିସଭ୍ୟ ଦଳୀୟ ପ୍ରାର୍ଥୀ ବେହେରାଙ୍କୁ ସମର୍ଥନ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅକ୍ଷୟ ପରିଡା, କବିତା ଦାସ, ରମେଶ ଚନ୍ଦ୍ର ସାହୁ, ବିଦ୍ୟାଧର ପାତ୍ର, ଶରତ ରାୟ ଓ ଅକ୍ଷୟ ସାହୁ ପ୍ରମୁଖ ନିର୍ବାଚନ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ।

■ କମିଶନରେଟ ପୋଲିସର ଅଜବ ନୀତି

# ନ୍ୟାୟ ବଦଳରେ ମିଛ ମାମଲା

**ଭୁବନେଶ୍ୱର,୩୧।୩ (ବ୍ୟୁରୋ)**

ପୋଲିସ ଠିକ୍ ଭାବେ ତଦନ୍ତ କରୁ ନ ଥିବାରୁ ଆଜି ଅନେକ ନିର୍ଦ୍ଦୋଷ ଦଣ୍ଡ ପାଉଛନ୍ତି। ନିକଟରେ କଟକ ଲାଲବାଗ ଥାନା ପୋଲିସ ଏନ୍‌ବିଡବ୍ଲ୍ୟୁରେ ପ୍ରକୃତ ଅଭିଯୁକ୍ତଙ୍କ ବଦଳରେ ଜଣେ ନିର୍ଦ୍ଦୋଷଙ୍କୁ ଗିରଫ କରିଥିଲା। ପୋଲିସର ଭୁଲ୍ ଯୋଗୁ ଏପରି ଘଟିଥିବା ନିଜେ ପୋଲିସ କମିଶନର କହିଥିଲେ। ଭୁବନେଶ୍ୱରରେ ମଧ ଏଭଳି ଏକାଧିକ ଘଟଣା ଘଟିଛି। ଆଉ କେତେକସ୍ଥଳେ ପୋଲିସ ଚାପରେ ହେଉ ଅବା ଲାଞ୍ଚ ନେଇ ପ୍ରକୃତ ଅଭିଯୁକ୍ତଙ୍କୁ ଗିରଫ ନ କରି ଓଲଟା ଅଭିଯୋଗକାରୀଙ୍କୁ ମିଛ ମାମଲାରେ ଫସାଇବାକୁ ଷଡ଼ଯନ୍ତ୍ର ରଚୁଛି। ଏମିତି ଏକ ଘଟଣା ଏବେ ସାମ୍ନାକୁ ଆସିଛି। ଜଣେ ଅଭିଯୁକ୍ତଙ୍କୁ ଖାରବେଳ ନଗର ଓ କ୍ୟାପିଟାଲ ଥାନା ପୋଲିସ ଗିରଫ ନ କରିବାରୁ ସେ ଭିନ୍ନ ମାମଲାରେ ଅଭିଯୋଗକାରୀଙ୍କୁ ଫସାଇ ଦେଇଥିବା ଅଭିଯୋଗ ହୋଇଛି। ମହିଳା ଥାନା ପୋଲିସ ତାଙ୍କ ନାମରେ ମାମଲା ରୁଜୁ କରିଥିବା ହୋଟେଲ ସାଇନ ମାଲିକ ଇଜାବୁଲ ଖାଁ କହିଛନ୍ତି। ଯେଉଁ ଯୁବତୀ ତାଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆଣିଛନ୍ତି ତାଙ୍କୁ ସେ କେବେ ଦେଖିନାହାନ୍ତି କି ଫୋନ୍‌ରେ ବି କଥା ହୋଇନାହାନ୍ତି। ପୋଲିସ ଠିକ ଭାବେ ତଦନ୍ତ ନ କରି କିପରି ମାମଲା ରୁଜୁ କରିଦେଲେ ତାହାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ତାଙ୍କୁ ବାରମ୍ବାର ହତ୍ୟା ଉଦ୍ୟମ କରାଯାଇଥିଲେ ମଧ ଅଭିଯୁକ୍ତଙ୍କୁ ପୋଲିସ ନ ଧରି ଓଲଟା ଫସାଇବାକୁ ଯୋଜନା କରିଥିବା ସେ କହିଛନ୍ତି।

ଇଜାବୁଲ୍‌ଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସମ୍ପତ୍ତିକୁ କବ୍‌ଜା କରିବା ପାଇଁ ଭାଇ ସଖାବୁଲ ଖାଁ ଉଦ୍ୟମ କରୁଛନ୍ତି। ଇଜାବୁଲ୍‌ଙ୍କ ହୋଟେଲ ନିକଟରେ ସଖାବୁଲଙ୍କର ଏକ ହୋଟେଲ ରହିଛି। ଫେବୃୟାରୀ ୧୩ରେ ସଖାବୁଲ୍ ସହଯୋଗୀଙ୍କ ସହ ତାଙ୍କ ହୋଟେଲରେ ପଶି ଭଙ୍ଗାରୁଜା କରିବା ସହ ଖଣ୍ଡାଧରି କର୍ମଚାରୀଙ୍କୁ ହାଣିବାକୁ ଗୋଡାଇଥିଲେ। ଏନେଇ କ୍ୟାପିଟାଲ ଥାନାରେ ମାମଲା

■ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

■ ଧମକ ଦେଉଥିଲେ, ଏବେ ଫସାଇଥିବା ଅଭିଯୋଗ

(ନଂ.୬୨/୧୯) ରୁଜୁ ହୋଇଥିଲେ ମଧ ପୋଲିସ ଫେରାର କହି ମୁଖ୍ୟ ଅଭିଯୁକ୍ତ ସଖାବୁଲ୍‌ଙ୍କୁ ଗିରଫ କଲାନାହିଁ। ଫଳରେ ସେ ଥାନାରୁ ମାମଲା ଉଠାଇବା ପାଇଁ ଧମକ ଦେବା ସହ ସେହିମାସ ୧୮ ତାରିଖରେ ଖାରବେଳନଗର ଥାନା ଅନ୍ତର୍ଗତ ରିଜର୍ଭ ବ୍ୟାଙ୍କ୍ ପଛ ଗଳିରେ ସେ ଜାବୁଲଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ଏଥିସହ ଖଣ୍ଡା ଓ ବନ୍ଧୁକ ଧରି ଧମକାଇଥିଲେ। ଏନେଇ ଖାରବେଳନଗର ଥାନାରେ କେସ୍ ନଂ-୫୮/୧୯ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ଜଣକ ଖୁଲମ୍‌ଖୁଲା ବୁଲୁଥିବାବେଳେ ଖାରବେଳନଗର ଥାନା ପୋଲିସ ମଧ ତାଙ୍କୁ ଗିରଫ କରୁନାହିଁ। ଏପରିସ୍ଥଳେ ସେ ନିଜ ହୋଟେଲରେ କାମ କରୁଥିବା ଜଣେ ଯୁବତୀଙ୍କୁ ଲଗାଇ ଯୋଜନାବଦ୍ଧ ଭାବେ ମିଛ ଅଭିଯୋଗ କରିଥିବା ଇଜାବୁଲ କହିଛନ୍ତି। ଯୁବତୀ ଜଣକ ଅଭିଯୋଗ କରିଛନ୍ତି ଯେ, ଇଜାବୁଲ ତାଙ୍କ ହୋଟେଲରେ କାମ କରିବାକୁ ଫୋନ୍‌ରେ ଡାକି ଅସଦାଚରଣ କରିଥିଲେ। ଏପରି କି ତାଙ୍କୁ କାରରେ ବସାଇ ଘରକୁ ନେଇଥିବା ମଧ ସେ ଉଲ୍ଲେଖ କରିଛନ୍ତି। ହେଲେ ପୋଲିସ ଯୁବତୀଙ୍କୁ ଉକ୍ତ କାର ନମ୍ବର ଓ ଅନ୍ୟ ସମ୍ପର୍କରେ ପଚାରିଥିଲେ ସେ କିଛି କହିପାରି ନ ଥିଲେ। ଏହି ଘଟଣା ସଂକ୍ରାନ୍ତରେ ପୋଲିସ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲେ। ମାତ୍ର ଯୁବତୀ ଜଣକ ଇଜାବୁଲଙ୍କ ଘରକୁ କେବେ ବି ଆସି ନ ଥିବା ପଡୋଶୀମାନେ କହିଛନ୍ତି। ଏନେଇ ମହିଳା ଥାନା ଅଧିକାରୀ ଅନସୂୟା ନାୟକ କହିଛନ୍ତି, ଯୁବତୀଙ୍କ ଅଭିଯୋଗ ଆଧାରରେ ଆମେ ମାମଲା ରୁଜୁ କରି ତଦନ୍ତ କରୁଛୁ। ଅଭିଯୋଗ ଯଦି ମିଥ୍ୟା ବୋଲି ଜଣାପଡିବ ତେବେ କେସ୍‌କୁ ଡିସମିସ କରାଯିବ ବୋଲି ସେ କହିଛନ୍ତି।




କଟକ ଦେଉଳସାହିସ୍ଥିତ ରଘୁନାଥଜୀଉ ଡିଗ୍ରୀ କଲେଜରେ ରବିବାର ଅନୁଷ୍ଠିତ ଓଡିଆ ଭାଷା ଓ ସାହିତ୍ୟ ବିଭାଗର ବାର୍ଷିକ ପାଠଚକ୍ରରେ ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

■ ବୈଶାଖୀ ବାଣିଜ୍ୟ ମେଳାର ତୃତୀୟ ସନ୍ଧ୍ୟା

## ଚଟ୍‌ପଟି ଖାଦ୍ୟ, ଦୋଳିର ମଜା ନେଲେ କଟକ ବାସିନ୍ଦା

**କଟକ ଅଫିସ, ୩୧।୩**

ବାଲିଯାତ୍ରା ପଡ଼ିଆରେ ଆରମ୍ଭ ହୋଇଥିବା ବୈଶାଖୀ ବାଣିଜ୍ୟ ମେଳାର ରବିବାର ଥିଲା ତୃତୀୟ ଦିନ। ଛୁଟିଦିନ ଥିବାରୁ ମେଳାପଡିଆରେ ବହୁ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ବାଣିଜ୍ୟ ମେଳା ମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶେଷକରି ଓଡିଶୀ ଓ ଆଧୁନିକ ନୃତ୍ୟ ଦର୍ଶକଙ୍କୁ ଅଧିକ ଆନମନା କରିଥିଲା। କଟକର ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ଲୋକମାନେ ଏହି ମେଳାରେ ଚଟ୍‌ପଟି ଖାଦ୍ୟ ଖାଇବା ସହ ଦୋଳିରେ ବସି ମଜା ନେଇଥିଲେ। ଏଥର କଟକ ବାସିନ୍ଦାଙ୍କ ରୁଚିକୁ ନେଇ ରାଜସ୍ଥାନରୁ ଆସିଥିବା ଖାଦ୍ୟ ଷ୍ଟଲରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା। ସ୍ପେଶାଲ ପାଓଭାଜି, ରାଜକୋଚରି ଚାଟ୍, ମାରୱାଡି କୁଲ୍‌ଫି, ମୁଗଡାଲି କୋଚରି, ଯୋଧପୁରୀ ମାୱା କୋଚରି, ମୁଗଡାଲି ହାଲ-ୱା ଭଳି ଖାଦ୍ୟର ଅଧିକ ଚାହିଦା ରହିଥିଲା। ସେହିପରି ହାଇଦ୍ରାବାଦ ଦମ୍ ବିରିୟାନି, ଦହିବରା ଆଳୁଦମ, ମାଲପୁଆ ଡାଲମାର ମଜା ନେଇଥିଲେ କଟକବାସିନ୍ଦା। ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବାଣିଜ୍ୟ ମେଳା କମିଟି ପକ୍ଷରୁ ବିଭିନ୍ନ ଜାଗାରେ ସିସିଟିଭି ଲଗାଯିବା ସହ ସିକ୍ୟୁରିଟି ଗାର୍ଡ ମୁତୟନ ହୋଇଛନ୍ତି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ତୃତୀୟ ବାର୍ଷିକ

**କଟକ ଅଫିସ, ୩୧।୩**

ଉତ୍କଳମଣି ଗୋପବନ୍ଧୁ ଦାସ ଜୀବନରେ ସର୍ବଦା ସତ ହିଁ କହିଛନ୍ତି। ଯୁବପିଢ଼ି ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସତ୍ୟନିଷ୍ଠ ହୁଅନ୍ତୁ। କଟକ ସାରଳା ଭବନଠାରେ ରବିବାର ଲୋକସେବକ ମଣ୍ଡଳ ଦ୍ୱାରା ପ୍ରକାଶିତ ମାସିକ ସାହିତ୍ୟ ପତ୍ରିକା 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ତୃତୀୟ ବାର୍ଷିକ ଉତ୍ସବକୁ ମୁଖ୍ୟଅତିଥି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ଘାଟନ କରି ଏହି ମତବ୍ୟକ୍ତ କରିଛନ୍ତି। ଲୋକସେବକ ମଣ୍ଡଳ ରାଷ୍ଟ୍ରୀୟ ଅଧକ୍ଷ ଦୀପକ ମାଲବ୍ୟ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ରାଷ୍ଟ୍ରୀୟ ସମ୍ପାଦକ ତଥା ପତ୍ରିକାର ସମ୍ପାଦକ ନିରଞ୍ଜନ ରଥ ସ୍ୱାଗତ ଭାଷଣ ଦେଇଥିଲେ। ଶ୍ରୁତିନ୍ୟାସର ପ୍ରତିଷ୍ଠାତା ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟିକ ଦାଶରଥି ଦାସଙ୍କୁ ସତ୍ୟବାଦୀ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରବନ୍ଧରେ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, କବିତାରେ ସୁଶ୍ରୀ ସୁଚେତା ମିଶ୍ର, ଗଳ୍ପରେ ରମେଶ ଚନ୍ଦ୍ର ସାହୁ, ଶିଶୁ କବିତାରେ ନଟବର ସାହୁ, ଶିଶୁଗଳ୍ପରେ ହରମୋହନ ମହାନ୍ତିଙ୍କୁ ସତ୍ୟବାଦୀ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ପତ୍ରିକାର ବାର୍ଷିକ ସଂଖ୍ୟା ସହ ସୁରେଶ ଚନ୍ଦ୍ର ନନ୍ଦଙ୍କ ଦ୍ୱାରା ଶ୍ରୀରାମଚରିତ ମାନସର ଗଦ୍ୟାନୁବାଦ ପୁସ୍ତକ, ଇନ୍ଦ୍ରମଣି ଶର୍ମାଙ୍କ ରଚିତ ସ୍ତୋତ୍ର କଳ୍ପତରୁ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସମ୍ପାଦକ ବାମାପଦ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କାର୍ଯ୍ୟକାରୀ ମୁଖ୍ୟ ପରିଚାଳକ ପ୍ରିୟବ୍ରତ ମହାନ୍ତି ଉପସ୍ଥିତ ଥିଲେ।

### ଭାଜପାର ବାଇକ୍ ଶୋଭାଯାତ୍ରା

**କଟକ ସଦର,୩୧।୩ (ଡି.ଏନ୍.ଏ.)**

କଟକ ସଦର ନିର୍ବାଚନମଣ୍ଡଳୀ ଅଧୀନ କନ୍ଦରପୁରରୁ ଭାଜପା ପକ୍ଷରୁ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ଦଳର ଲୋକ ସଭା ଏମ୍‌ପି ପ୍ରାର୍ଥୀ ପ୍ରକାଶ ମିଶ୍ର ଓ ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ମଲ୍ଲିକ ଯୋଗଦେଇଥିଲେ। ଉଭୟ ପ୍ରାର୍ଥୀ ବିରିବାଟୀ, ଗତିରାଉତପାଟଣା, କିଶୋର ନଗରର ବିଭିନ୍ନ ଦେବଦେବୀ ପୀଠ ଦର୍ଶନ କରିବା ସହ ନେମାଳ ଅଭିମୁଖେ ଯାଇଥିଲେ। ଶୋଭାଯାତ୍ରାରେ ହୃଷୀକେଶ ଜେନା, ଗୋକୁଳ ପ୍ରଧାନ, ବାପି ମଲ୍ଲିକ, ମଣ୍ଡଳ ସଭାପତି ନିର୍ମଳ ଦାସ, ପୀୟୂସ ରଞ୍ଜନ ପରିଡା, ଲିଙ୍ଗରାଜ ମଲ୍ଲିକ, ବିଜୟ ରାଉତରାୟ ଓ ଦୀପକ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରା ଅବସରରେ ପଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା।

■ ରାତି ପାଟ୍ରୋଲିଂ ବେଳେ ଧରାପଡ଼ିଲେ

## ବନ୍ଧୁକ, ବାଇକ୍ ଜବତ: ୨ ଗିରଫ

**କଟକ ଅଫିସ୍, ୩୧।୩**

ପାଟ୍ରୋଲିଂ ବେଳେ ଚାଉଳିଆଗଞ୍ଜ ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ ବେଣ୍ଟକରପଡା ଅଞ୍ଚଳର ରଞ୍ଜନ ଭୂୟାଁ ଓ ମାଲଗୋଦାମ ଥାନା ଅଧୀନ ଯୋବ୍ରା ଅଞ୍ଚଳର କେ. ମୁନ୍ନା ରାଓ। ପୋଲିସ ସେମାନଙ୍କଠାରୁ ଗୋଟିଏ ୯ ଏମ୍‌ଏମ୍‌ର ବନ୍ଧୁକ, ଦୁଇଟି ଗୁଳି, ଏକ ନମ୍ବର ବିହୀନ ବାଇକ୍ ଓ ଗୋଟିଏ ମାଗାଜିନ୍ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୯୭/୧୯)



ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ରାତି ପ୍ରାୟ ୧୨ଟାରେ ଚାଉଳିଆଗଞ୍ଜ ପୋଲିସ ଗାନ୍ଧୀଛକ ନିକଟରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଅଭିଯୁକ୍ତ ଦ୍ୱୟ ଉକ୍ତ ବାଇକ୍‌ରେ ଦ୍ରୁତଗତିରେ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚବେଳେ ସେମାନଙ୍କ ପାଖରୁ ଉକ୍ତ ବନ୍ଧୁକ, ମାଗାଜିନ୍ ଓ ଗୁଳି ବାହାରିଥିଲା। ହେଲେ ସେମାନେ ଉକ୍ତ ବନ୍ଧୁକର ଲାଇସେନ୍ସ ଦେଖାଇ ନ ପାରିବାରୁ ପୋଲିସ ଗିରଫ କରିଥିଲା। ପଚରାଉଚରା ପରେ ଉଭୟ ଡକାୟତି କରିବା ଉଦ୍ଦେଶ୍ୟରେ ଯାଉଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଥିଲେ। ତେବେ ସେ ବନ୍ଧୁକ କେଉଁଠୁ ଆଣିଥିଲେ ତାହା ଉପରେ ପୋଲିସ ତଦନ୍ତ ଜାରି ରଖିଛି।

## ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ




ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ଫୁଲନଖରା, ୩୧।୩(ଡି.ଏନ୍.ଏ.)**

କଟକ ସଦର ଥାନା ଅଧୀନ ବ୍ରାହ୍ମଣଝରିଲୋଠାରେ ଥିବା ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କବି ନାରାୟଣ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ହରିବଲ୍ଲଭ ତ୍ରିପାଠୀ ମୁଖ୍ୟଅତିଥି, ଶକ୍ତି ପ୍ରସାଦ ମହାନ୍ତି ମୁଖ୍ୟବକ୍ତା, ଗୋଲଖ ଚନ୍ଦ୍ର ମହାନ୍ତି, ସ୍କୁଲ ସମ୍ପାଦିକା ଜସମିନ ବେଗମ ଓ ସେକ୍ କଲିମ ଉଦ୍ଦିନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ହାଇସ୍କୁଲ ଅଧକ୍ଷ ରମାକାନ୍ତ ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ୧୧୦ ଦଫାରେ ଅଭିଯୁକ୍ତ ସୁକୁନା ଗିରଫ

**କଟକ ଅଫିସ୍, ୩୧।୩**

ଆଇପିସି ଦଫା ୧୧୦ ବଳରେ ମାଲଗୋଦାମ ପୋଲିସ ରବିବାର କଟକର କୁଖ୍ୟାତ ଅପରାଧୀ ସୁକୁନା ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମାଲଗୋଦାମ ଥାନା ଅଧିକାରୀ ରବି ନାରାୟଣ ଭଞ୍ଜଙ୍କ ସୂଚନା ଅନୁଯାୟୀ, ସୁକୁନାଙ୍କ ବିରୋଧରେ ମାଲଗୋଦାମ, ନୟାପଲ୍ଲୀ, ଚାଉଳିଆଗଞ୍ଜ ଥାନାରେ ବହୁ ଆପରାଧିକ ମାମଲା ରହିଛି। ହତ୍ୟା, ଡକାୟତି ଘଟଣାରେ ତାଙ୍କର ସମ୍ପୃକ୍ତି ରହିଥିବା ବେଳେ ସେ ଡି ବ୍ରଦର୍ସ ଏବଂ ଅନିଲ ଛୋଟରାୟଙ୍କ ଗ୍ୟାଙ୍ଗରେ ସାମିଲ ଥିଲେ। ୨୦୧୭ରେ ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ଅଞ୍ଚଳରେ ଏକ ବମ୍ଫି ଘଟଣାରେ ସୁକୁନାଙ୍କର ସମ୍ପୃକ୍ତି ଥିଲା। ଏହାପରଠାରୁ ସେ ଫେରାର ଥିଲେ। ଏପଟେ କୋର୍ଟରେ ହାଜର ହେଉ ନ ଥିବାରୁ ତାଙ୍କ ବିରୋଧରେ କୋର୍ଟ ଜାମିନ ବିହୀନ ଗିରଫ ପରୱାନା ଜାରି କରିବା ସହ ତାଙ୍କୁ ଗିରଫ କରିବା ପାଇଁ ମାଲଗୋଦାମ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ସୁକୁନାଙ୍କୁ ପୋଲିସ ରବିବାର ଉକ୍ତ ଥାନା ଅନ୍ତର୍ଗତ ଯୋବ୍ରା ମଝିସାହି ସ୍ଥିତ ତାଙ୍କ ଘରୁ ଗିରଫ କରିଥିଲା।

### ରକ୍ତଦାନ ଶିବିର

**କଟକ ଅଫିସ, ୩୧।୩**

କଟକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୟ ଜଗନ୍ନାଥ ସେବା ସମିତି ପକ୍ଷରୁ ମହାନଦୀ ବିହାର ସ୍ଥିତ ସେଲିବ୍ରେସନ ମଣ୍ଡପରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରୁ ମୋଟ୍ ୧୮୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏଥିରେ ଅତିଥି ଭାବେ କିନ୍ନର ସଂଘର ସଭାନେତ୍ରୀ ତନୁଶ୍ରୀ ବେହେରା, ସାମାଜିକ କର୍ମୀ କ୍ଷୀରୋଦ ବେହେରା, ରଞ୍ଜନ ବେହେରା, ଅବିନାଶ ଗୁରୁ, ମନୋଜ ଦାସ ଯୋଗଦେଇଥିଲେ। ମନୋଜ ପଣ୍ଡା ଧନ୍ୟବାଦ ଦେଇଥିଲେ।

### ଯୁବତୀଙ୍କ ଚରିତ୍ରକୁ ଆକ୍ଷେପ: ଅଭିଯୁକ୍ତ ଗିରଫ

**କଟକ ଅଫିସ୍, ୩୧।୩**

ଜଣେ ଯୁବତୀଙ୍କ ବିବାହ ଭାଙ୍ଗିବା ପାଇଁ ତାଙ୍କ ଚରିତ୍ରକୁ ନେଇ ଆକ୍ଷେପ କରିବା ଅଭିଯୋଗରେ ଲାଲବାଗ୍ ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମର୍କତନଗର ଥାନା ଅନ୍ତର୍ଗତ ସିଡିଏ ସେକ୍ଟର-୮ ଅଞ୍ଚଳର ଶୁଭ ସନ୍ତୋଷ କାନୁନ୍‌ଗୋ(୩୪)। ପୋଲିସ ସୂଚନା ଅନୁଯାୟୀ, ଲାଲବାଗ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ କାନୁନ୍‌ଗୋଙ୍କର ପୂର୍ବରୁ ସମ୍ପର୍କ ଥିଲା। ଏପରି କି ସେ ଉକ୍ତ ଯୁବତୀଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲେ ମଧ ଯୁବତୀଙ୍କ ଘର ଲୋକ ରାଜି ହୋଇ ନ ଥିଲେ। ଫଳରେ ୧ ବର୍ଷ ତଳେ କାନୁନ୍‌ଗୋ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିଥିଲେ। କିନ୍ତୁ ଏବେ ସମ୍ପୃକ୍ତା ଯୁବତୀଙ୍କ ବିବାହ ଅନ୍ୟ ଜଣେ ଯୁବକଙ୍କ ସହ ଠିକ୍ ହୋଇଛି। ଏହା ଜାଣିବା ପରେ କାନୁନ୍‌ଗୋ ଉକ୍ତ ଯୁବକଙ୍କୁ ଭେଟି ଯୁବତୀଙ୍କ ଚରିତ୍ର ଖରାପ ବୋଲି ତାଙ୍କୁ କହିଥିଲେ। ଏ କଥା ଯୁବତୀ ଜଣଙ୍କ ଜାଣିବା ପରେ ଶନିବାର ଲାଲବାଗ୍ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୬୦/୧୯) ରୁଜୁ ହୋଇଛି।

### ଶିକ୍ଷା ବିକାଶ ସମିତିର ସାଧାରଣ ସଭା ଉଦ୍‌ଯାପିତ



**କଟକ ଅଫିସ୍, ୩୧।୩**

ସରସ୍ୱତୀ ପ୍ରଶିକ୍ଷଣ ମନ୍ଦିର, କେଶବଧାମ, କଟକଠାରେ ୩୦ ଓ ୩୧ ଦୁଇ ଦିନ ଧରି ଶିକ୍ଷାବିକାଶ ସମିତି, ଓଡ଼ିଶାଙ୍କ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟା ଭାରତୀର ରାଷ୍ଟ୍ରୀୟ ମନ୍ତ୍ରୀ ଡ.କିଶୋରଚନ୍ଦ୍ର ମହାନ୍ତି, ଶିକ୍ଷାବିକାଶ ସମିତି ସଭାପତି ଡ.ବିନାୟକ ଦାଶ, ସମ୍ପାଦକ ଡା.ଲକ୍ଷ୍ମୀକାନ୍ତ ମହାରଣା ଓ ସଂଗଠନ ମନ୍ତ୍ରୀ ରମାକାନ୍ତ ମହାନ୍ତ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟା ଭାରତୀର ପୂର୍ବକ୍ଷେତ୍ର କାର୍ଯ୍ୟକାରିଣୀ ସଦସ୍ୟ ବିଜୟଗଣେଶ କୁଲକର୍ଣ୍ଣୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ବିଦ୍ୟା ଭାରତୀର ରାଷ୍ଟ୍ରୀୟ ସହ ସଂଗଠନ ମନ୍ତ୍ରୀ ଗୋବିନ୍ଦଚନ୍ଦ୍ର ମହାନ୍ତ କହିଥିଲେ, କେବଳ ଶୈକ୍ଷିକ କାର୍ଯ୍ୟରେ ସୀମିତ ନ ରହି ସମାଜରେ ଆସୁଥିବା ଆହ୍ୱାନକୁ ସ୍ୱୀକାର କରିବା। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେବଳ ବିଦ୍ୟାଳୟ ନୁହେଁ ଏହା ସ୍ୱଚ୍ଛତା, ପରିବେଶ ସୁରକ୍ଷା, ସାମାଜିକ ସମରସତା ଆଦି ଗୁଣାତ୍ମକ ଅଭିବୃଦ୍ଧିର ଉପକ୍ରମଶୀଳ ଅନୁଷ୍ଠାନ । ୧୯୫୨ଠାରୁ ଆଜି ପର୍ଯ୍ୟନ୍ତ ସଂଗଠନ ଅନେକ ବ୍ୟକ୍ତି ନିର୍ମାଣ କରିଛି। ସମସ୍ତ ପ୍ରବାସୀ କାର୍ଯ୍ୟକର୍ତ୍ତା ସଂଗଠନ କାର୍ଯ୍ୟର ଗୁଣାତ୍ମକ ଅଭିବୃଦ୍ଧି ପାଇଁ ଯେଉଁ ଗୁରୁଦାୟିତ୍ୱ ବହନ କରିଛନ୍ତି ତାହାକୁ ସମର୍ପିତ ଭାବନାରେ ସମ୍ପାଦିତ କରାଇ ଓଡ଼ିଶାର କାର୍ଯ୍ୟକୁ ସଶକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟା ଭାରତୀର ପୂର୍ବକ୍ଷେତ୍ର ମନ୍ତ୍ରୀ ଡ.ସରୋଜକୁମାର ହାତୀ, ସମିତିର ଉପସଭାପତି ଡ.ବସନ୍ତ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ପ୍ରବନ୍ଧ ସମିତିର ୭ଜଣ କାର୍ଯ୍ୟକର୍ତ୍ତା, ୨୦ଜଣ ସମ୍ଭାଗ, ୯ଜଣ ବିଭାଗ, ୫୦ଜଣ ସଙ୍କୁଳ, ୫୨ଜଣ ପୂର୍ଣ୍ଣକାଳୀନ, ୬ଜଣ କ୍ଷେତ୍ରୀୟ ଓ ଅଖିଳ ଭାରତୀୟ ଅଧିକାରୀଙ୍କ ସହ ମୋଟ ୧୪୪ଜଣ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଆଗାମୀ ଶିକ୍ଷାବର୍ଷର ଶୈକ୍ଷିକ, ବିବିଧ ବ୍ୟବସ୍ଥା ଓ କାର୍ଯ୍ୟକ୍ରମ ଆଦିର ଯୋଜନା ପ୍ରସ୍ତୁତ କରିଥିଲେ।

## ଗଣପତି ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ସମାରୋହ

**କଟକ ଅଫିସ, ୩୧।୩**

ଝାଞ୍ଜିରିମଙ୍ଗଳାସ୍ଥିତ ଗଣପତି ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ସମାରୋହ ସ୍ଥାନୀୟ ସହୀଦ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ପକ୍ଷରୁ ଅନୁଷ୍ଠିତ ଏହି ସମାରୋହରେ ବିଦ୍ୟା ବିକାଶ ସମିତି ସଭାପତି ଡ. ରମେଶ ଚନ୍ଦ୍ର ଦାସ ଅଧକ୍ଷତା କରିଥିଲେ। ଏଥିରେ ଉଦ୍‌ଘାଟକ ଭାବେ ୨୫ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ସର୍ବମହନ୍ତ ରବୀନ୍ଦ୍ର ବସ୍ତିଆ, ମୁଖ୍ୟଅତିଥି ଇଂ. ମହମ୍ମଦ ମୋକିମ, ମୁଖ୍ୟବକ୍ତା ମକାମ କଲେଜ ଉପାଧକ୍ଷ କିଶୋର ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ବିଦ୍ୟା ବିକାଶ ସମିତି ଉପଦେଷ୍ଟା ବିଦ୍ୟୁତ୍ କୁମାରୀ ଲାଲା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାମାଜିକ କର୍ମୀ ତଥା ପଦ୍ମଶ୍ରୀ ଡି. ପ୍ରକାଶ ରାଓ, ପୁଲୱାମା ଆକ୍ରମଣରେ ଶହୀଦ ହୋଇଥିବା ମନୋଜ ବେହେରାଙ୍କ ସ୍ତ୍ରୀ ଓ ମାତା ଏବଂ କ୍ରୀଡାବିତ୍ ସୁଜିତ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୁରାତନ ଛାତ୍ର ସଂସଦର ସୌମକ ମହାପାତ୍ର, ସନ୍ତୋଷ ମହାପାତ୍ର, ଦେବେନ୍ଦ୍ର କୁମାର ସେଠୀ, ଚଳନ କୁମାର ମହାପାତ୍ରଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା।




ମାଛୁଆବଜାର ପଞ୍ଚାୟତ କମିଟି ଆନୁକୂଲ୍ୟରେ ସ୍ଥାନୀୟ ଏକ ମଣ୍ଡପରେ କଟକ ମହାନଗର ଶାନ୍ତି କମିଟିର ବାସନ୍ତୀ ଦୁର୍ଗାପୂଜା ଓ ଭସାଣି ଉତ୍ସବ ପ୍ରସ୍ତୁତି ବୈଠକ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧ ଏପ୍ରିଲ, ୨୦୧୯



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳ ଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ନିଗମାନନ୍ଦଙ୍କ ସଂଘ ପୂଜା ଅଧିବେଶନ



**ବେଗୁନିଆ, ୩୧।୩ (ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାସ୍ଥିତ ନୀଳାଚଳ ସାରସ୍ୱତ ଶାଖା ସଂଘ, ପରିସରରେ ଆଞ୍ଚଳିକ ସଂଘ ପୂଜା ଅଧିବେଶନର ଶୁଭାଧିବାସ ରବିବାର ଅନୁଷ୍ଠିତ ହୋଇଛି। ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ପ୍ରତିଷ୍ଠିତ ନୀଳାଚଳ ସାରସ୍ୱତ ସଂଘର ପୁରୀ ଆଞ୍ଚଳିକ ସଂଘ ଅଧିବେଶନ ୩ ଦିନ ବ୍ୟାପୀ ହେବ। ଏହା ପୁରୀ ଆଞ୍ଚଳିକ ସଂଘର ୫୭ ତମ ଅଧିବେଶନ ଅଟେ। କାର୍ଯ୍ୟକ୍ରମରେ ଅବିଭକ୍ତ ପୁରୀ ଜିଲାର ୧୭ଟି ସଂଘର କର୍ମକର୍ତ୍ତା ଓ ଗୁରୁଭାଇ ମା'ମାନେ ଯୋଗଦାନ କରି ଶ୍ରୀଶ୍ରୀଠାକୁରଙ୍କ ଭାବଧାରରେ କିପରି ନିଜକୁ ଗଠନ କରିବେ ସେ ବିଷୟରେ ବିସ୍ତୃତ ଆଲୋଚନା ହେବ। ଏଥିସହ ବେଗୁନିଆ ସାରସ୍ୱତ ସଂଘର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆସନ୍ତା ୨ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୧୬୦ ସଂଘର ଗୁରୁଭାଇ ଓ ମା'ମାନେ ଯୋଗଦାନ କରିବେ ବୋଲି ଶାଖା ସଂଘ ସଭାପତି ବସନ୍ତ କୁମାର ସୁନ୍ଦରରାୟଙ୍କଠାରୁ ପ୍ରକାଶ।

### ନିଖୋଜ ନାବାଳିକା ଉଦ୍ଧାର

**ନିରାକାରପୁର,୩୧।୩(ଡି.ଏନ.ଏ.):** ନିରାକାରପୁର ପୋଲିସ ପକ୍ଷରୁ ପୁରୀରେ ଚଢ଼ାଉ କରାଯାଇ କଟକ ବୈଦେଶ୍ୱର ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ରବିବାର ଉଦ୍ଧାର କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ, କଟକ ସହର ବୈଦ୍ୟେଶ୍ୱର ଥାନା ଅଞ୍ଚଳର ଜଣେ ନାବାଳିକା ରାମେଶ୍ୱରସ୍ଥିତ ନିଜ ବଡଭଉଣୀ ଘରକୁ ବୁଲି ଆସିଥିବାବେଳେ ଚଳିତ ମାସ ୧୬ତାରିଖରେ ନିଖୋଜ ହୋଇଯାଇଥିଲେ। ଏ ନେଇ ଯୁବତୀଙ୍କ ମା' ନିରାକାରପୁର ଥାନାରେ ଗତ ୧୯ ତାରିଖରେ ଏକ ଲିଖିତ ଅଭିଯୋଗ କରିଥିଲେ। ନିରାକାରପୁର ପୋଲିସ କେସ୍ ନଂ ୧୫/୧୯ରେ ତଦନ୍ତ ଜାରି ରଖିଥିଲା। ଥାନା ଅଧିକାରୀ ଭବାନୀଶଙ୍କର ଖୁଣ୍ଟିଆଙ୍କ ନେତୃତ୍ୱରେ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା।

### କାଳବୈଶାଖୀ : ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ

**ବୋଲଗଡ଼, ୩୧।୩ (ଡି.ଏନ.ଏ.):** ବୋଲଗଡ ବ୍ଲକ ଅଞ୍ଚଳରେ ରବିବାର ଅପରାହ୍ଣ ପ୍ରାୟ ସାଢେ ୩ଟାରୁ କାଳବୈଶାଖୀ ଝଡ଼ବର୍ଷା ତୁହାକୁ ତୁହା ଲାଗିରହିଥିଲା। ପବନ ସହ ବାରମ୍ବାର ବର୍ଷା ଓ ପବନ ସାଧାରଣ ଜୀବନକୁ ବିପର୍ଯ୍ୟସ୍ତ କରିଥିବା ସୂଚନା ମିଳିଛି। ପବନ ଯୋଗୁ ବ୍ଲକ ଅଞ୍ଚଳରେ ବିଦ୍ୟୁତ ବିଚ୍ଛିନ୍ନ ହୋଇଯାଇଥିଲା। କେତେକ ସ୍ଥାନରେ ଗଛପଡ଼ି ରାସ୍ତା ବନ୍ଦ ହୋଇଥିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ବଡକୁମାରୀଠାରେ ବରଗଛ ଭାଙ୍ଗି ପଡିଥିବାରୁ ରାଜସୁନାଖଳା, ଧଳାପଥର ରାସ୍ତା ମଧ ବନ୍ଦ ହୋଇଯାଇଥିବା ଜଣାପଡ଼ିଛି।

## ୨୬ ବର୍ଷରେ ଖୋର୍ଦ୍ଧା ଜିଲା

# ବିକାଶର ନାହିଁ ପଦଚିହ୍ନ

**ଖୋର୍ଦ୍ଧା ଅଫିସ,୩୧।୩: ଖୋର୍ଦ୍ଧା ଜିଲା ୨୬ ବର୍ଷରେ ପଦାର୍ପଣ ପରେ ବି ବିକାଶର ପଦଚିହ୍ନ ଦେଖିବାକୁ ମିଳୁନାହିଁ। ଜିଲା ଗଠନ ପରେ ଭାଗ୍ୟ ବଦଳିଯିବ ବୋଲି ଲୋକଙ୍କର ଆଶା ରହିଥିଲା। ହେଲେ ପ୍ରତିଷ୍ଠା ଦିବସ ଏଠାରେ ପାଳନ କରାଯାଉନାହିଁ। ଖୋର୍ଦ୍ଧା ପ୍ରତି ଅବହେଳାକୁ ନେଇ ପୁଣି ଆନ୍ଦୋଳନ ଦାନା ବାନ୍ଧିଛି।**

### ଅଣଦେଖା ଠିକ୍ ନୁହେଁ



ଖୋର୍ଦ୍ଧା ହେଉଛି ଶେଷ ସ୍ୱାଧୀନ ଦୁର୍ଗ ଓ ପୁରୀ ଗଜପତି ମହାରାଜଙ୍କ ଗଡ଼। ସେ ଦୃଷ୍ଟିରୁ ଦେଖିଲେ ଖୋର୍ଦ୍ଧା ଥିଲା ଓଡ଼ିଶାର ରାଜଧାନୀ। ଓଡ଼ିଶାରେ ଯେତେବେଳେ ୧୩ଟି ଜିଲା ଗଠନ କରାଯାଇଥିଲା, ସେହି ସମୟରେ ଖୋର୍ଦ୍ଧା ଏକ ଜିଲା ହେବାର ଥିଲା। ତେବେ ସେତେବେଳେ ଖୋର୍ଦ୍ଧାକୁ ଉପେକ୍ଷା କରାଯାଇଥିଲା। ବହୁ ବିଳମ୍ବରେ ହେଲେ ବି ୧୯୯୩ରେ ଖୋର୍ଦ୍ଧା ଜିଲାର ମାନ୍ୟତା ପାଇଛି। ଏଣୁ ଓଡ଼ିଶା ଦିବସ ସହ ଖୋର୍ଦ୍ଧା ଜିଲା ପ୍ରତିଷ୍ଠା ଦିବସ ପାଳନ କରାଯିବା ଉଚିତ। ଏହା ସରକାରୀ ଅଥବା ବେସରକାରୀ ସ୍ତରରେ ପାଳନ ହେଉନାହିଁ। ଏଣୁ ଜିଲା ପ୍ରତିଷ୍ଠା ଦିବସକୁ ଅଣଦେଖା ନ କରି ପାଳନ କରାଯାଉ।

*-ଅନନ୍ତ ମଙ୍ଗରାଜ, ସାମାଜିକ କର୍ମୀ, ଖୋର୍ଦ୍ଧା*

### ବିଜୁବାବୁଙ୍କ ସ୍ୱପ୍ନ ଅଧୁରା



ପ୍ରଶାସନକୁ ଲୋକାଭିମୁଖୀ କରିବା ସହ ସାଧାରଣ ଲୋକଙ୍କ ବିକାଶଧାରାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ବଡ ଜିଲାକୁ ଭାଗ କରି ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଗଢ଼ିଥିଲେ ୧୩ରୁ ୩୦ ଜିଲା। ଖୋର୍ଦ୍ଧା ଜିଲା ଗଠନର ୨୬ବର୍ଷ ପୂରି ଯାଇଥିଲେ ମଧ ଜିଲାର ଆବଶ୍ୟକତା ପୂରଣ ହୋଇପାରିନାହିଁ। ଅନ୍ୟପକ୍ଷରେ ବିକାଶର ଦ୍ୱାହି ଦେଇ ଜିଲା ଉନ୍ନୟନ ପଥରେ ଆଗେଇ ଚାଲିଛି ବୋଲି ଭାସଣବାଜି ଚାଲିଛି। ଏପରି କି ବିଜୁବାବୁଙ୍କ ଅଧୁରା ସ୍ୱପ୍ନକୁ ପୂରା କରିବାର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସୁଥିବା ଲୋକ ପ୍ରତିନିଧିମାନେ ଏ ଦିଗ ପ୍ରତି ଆଖି ବୁଜି ଦେଉଛନ୍ତି। ଫଳରେ ଜିଲା ସଦର ମହକୁମା ପଛୁଆ, ଅବହେଳିତ ଓ ଉପେକ୍ଷିତ ହୋଇ ରହିଛି। ଏଣୁ ବିଜୁବାବୁଙ୍କ ସ୍ୱପ୍ନ ରହିଯାଇଛି ଅଧୁରା।

*-ଦିଲ୍ଲୀପ ଶ୍ରୀଚନ୍ଦନ, ପୂର୍ବତନ ବିଧାୟକ ଖୋର୍ଦ୍ଧା*

### ପ୍ରତିଷ୍ଠା ଦିବସ ପାଳନ ହେଉ

ଜିଲା ସଦର ମହକୁମାରେ ଓଡ଼ିଶା ଦିବସ ଯେପରି ପାଳନ କରାଯାଉଛି ସେପରି ଜିଲା ପ୍ରତିଷ୍ଠା ଦିବସ ପାଳନ କରାଯିବାର ଯଥାର୍ଥତା ରହିଛି। ହେଲେ ଏହାକୁ ଅଣଦେଖା କରାଯାଉଥିବାରୁ ଜିଲାବାସୀଙ୍କ ମଧ୍ୟରେ ଗଭୀର କ୍ଷୋଭ ପ୍ରକାଶ ପାଉଛି। ଓଡ଼ିଶା ଦିବସ ପାଇଁ ଛପା ଯାଉଥିବା ନିମନ୍ତ୍ରଣପତ୍ରରେ ଜିଲା ପ୍ରତିଷ୍ଠା ଦିବସ ମିଳିତ ଭାବେ ପାଳନ କରାଗଲେ କିଛି ଅସୁବିଧା ନାହିଁ କି କେହି ପ୍ରତିବାଦ କରିବେନି। ସମୟ ଆସିବ ଜିଲାବାସୀ ଏହାର ପ୍ରତିବାଦ କରିବେ। ଏଣୁ ବେଳ ଥାଉ ଥାଉ ବନ୍ଧ ବାନ୍ଧିବାର ଆବଶ୍ୟକତା ରହିଛି।



*-ରାଜକିଶୋର ପାଣିଗ୍ରାହୀ, ପରିବେଶବିତ୍, ବେଗୁନିଆ*

### ସଦର ମହକୁମାକୁ ଫେରୁ ଜିଲାସ୍ତରୀୟ କାର୍ଯ୍ୟାଳୟ



ଜିଲା ସଦର ମହକୁମା ହୋଇବି ଅନେକ ଜିଲାସ୍ତରୀୟ ସରକାରୀ କାର୍ଯ୍ୟାଳୟ ଖୋର୍ଦ୍ଧାରେ ନାହିଁ। ଏଣୁ ସଦର ମହକୁମା ପଛୁଆ, ଅବହେଳିତ ଓ ଉପେକ୍ଷିତ ହୋଇ ରହିଯାଇଛି। ବିଭିନ୍ନ ସମୟରେ ଓକିଲ ସଂଘର ଆନ୍ଦୋଳନ ପରେ କେତେକ କାର୍ଯ୍ୟାଳୟ ଫେରିଛି। ହେଲେ ବହୁ କାର୍ଯ୍ୟାଳୟକୁ ଫେରାଇ ଆଣିବାର ରହିଛି।

*-ପ୍ରାଣକୃଷ୍ଣ ଦଳବେହେରା, ଖୋର୍ଦ୍ଧା ବାର ଆସୋସିଏଶନ ସଭାପତି*

## ଭୁଶୁଡ଼ିଲା ନିର୍ମାଣାଧୀନ ପବ୍ଲିକ ମିଟିଂ ହଲ



ଭାଙ୍ଗିପଡ଼ିଥିବା ମିଟିଂ ହଲ୍ କାନ୍ଥ।

**ଖୋର୍ଦ୍ଧା ଅଫିସ,୩୧।୩**

ଖୋର୍ଦ୍ଧା ସହରର ଗୀତା ଭବନ ପଡିଆରେ ନିର୍ମାଣାଧୀନ ପବ୍ଲିକ ମିଟିଂ ହଲ ଆପେ ଆପେ ଭୁଶୁଡି ପଡିଛି। ଏହାର ପଶ୍ଚିମ ଓ ଉତ୍ତର ପାର୍ଶ୍ୱ କାନ୍ଥ ମାଟିରେ ମିଶିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଅଣଦେଖା କରିବା ପରେ ନିର୍ମାଣାଧୀନ ହଲ ଭୁଶୁଡିବା ଘଟଣା ନିମ୍ନମାନର କାର୍ଯ୍ୟକୁ ପ୍ରମାଣିତ କରିଛି। ଜିଲା ସଦର ମହକୁମାରେ ବଜାର ଉପରେ ନିମ୍ନମାନର କାର୍ଯ୍ୟ କରି ସରକାରୀ ଟଙ୍କାକୁ କିପରି ଲୁଟ୍ କରାଯାଉଛି ତାହାର ପ୍ରମାଣ ବୋଲି ଅଭିଯୋଗ ହୋଇଛି। ଖୋର୍ଦ୍ଧା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଗୀତାଭବନ ସମ୍ମୁଖ ପଡିଆରେ ୫ ଲକ୍ଷ ଟଙ୍କା ବ୍ୟୟରେ ଏକ ପବ୍ଲିକ ହଲ ନିର୍ମାଣ କାର୍ଯ୍ୟ ଚାଲିଥିଲା। କମ ଦାମ୍‌ର ମାଙ୍କଡା ପଥରକୁ ନିମ୍ନମାନର ସିମେଣ୍ଟ ସହ ଯୋଡେଇ କରାଯାଇଥିଲା। ପରେ ବାଲି ବଦଳରେ ନାଳି ଗୋଡି ପକାଇ ପୋତାଯାଇ କାମ ଚାଲୁ ରହିଥିଲା। ନିମ୍ନମାନର କାର୍ଯ୍ୟ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଠିକାଦାର ଏହାକୁ ଅଣଦେଖା କରି ଚାଲିଥିଲେ। ଏପରିକି ଖୋର୍ଦ୍ଧା ବିଡିଓଙ୍କୁ ସ୍ଥାନୀୟ ଲୋକ ଫେରାଦ ଦେଇଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଭୂମିପୁତ୍ର ସ୍ୱାଭିମାନ ମଞ୍ଚ ବୈଠକ



ମଞ୍ଚରେ ଯୋଗଦେଇଥିବା ଅତିଥି ଓ ସଦସ୍ୟ।

**ବୋଲଗଡ଼, ୩୧।୩ (ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ପାଟପୁର ଶାସନ ପଞ୍ଚାୟତ ଖାରଡପଲ୍ଲୀସ୍ଥିତ ମା' ବରଡାଳେଇ ଠାକୁରାଣୀଙ୍କ ପୀଠ ନିକଟରେ ରବିବାର ଭୂମିପୁତ୍ର ସ୍ୱାଭିମାନ ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଛି। ସାମାଜିକ କର୍ମୀ ଆଲୋକ ସୁବୁଦ୍ଧିଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ମଞ୍ଚ ସଭାପତି ଭିକାରୀ ସାହୁ ପୌରୋହିତ୍ୟ କରିଥିଲେ। ସାମାଜିକ କର୍ମୀ ଅକ୍ଷୟ ରଥ, ହରିହର ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ଥାନୀୟ ପ୍ରାର୍ଥିତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ବେଗୁନିଆ ନିର୍ବାଚନ ମଣ୍ଡଳୀ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ନେତା ଚୟନ କରାଯାଇ ପ୍ରାର୍ଥୀ ଦେବାକୁ ଏଠାରେ ଦାବି କରାଯାଇଥିଲା। ଯେଉଁ ଦଳ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ବାଦଦେଇ ବାହାର ଅଞ୍ଚଳରୁ ବେଗୁନିଆ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଦେବେ ମଞ୍ଚ ପକ୍ଷରୁ ଏହାର ଘୋର ବିରୋଧ କରାଯିବ ବୋଲି ବୈଠକରେ କୁହାଯାଇଛି।

## ଏପ୍ରିଲ ୫ରୁ ପ୍ରସିଦ୍ଧ କଣ୍ଢେଇ ମେଳଣ

**ଯାଁଳା,୩୧।୩(ଡି.ଏନ.ଏ.)**

### ପାଳିବ ହୀରକ ଜୟନ୍ତୀ

ଭୁବନେଶ୍ୱର ଉପକଣ୍ଠ ଭଗବାନପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଛୋଟିଭୁଆସୁଣୀଙ୍କ ଏପ୍ରିଲ ୫ ରୁ ଆରମ୍ଭ ହେବ ଓଡ଼ିଶା ପ୍ରସିଦ୍ଧ ନିଆରା କଣ୍ଢେଇ ମେଳଣ। ଏହା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ ଏହି ମେଳଣ ହୀରକ ଜୟନ୍ତୀ ପାଳନ କରିବାକୁ ଯାଉଥିବାରୁ ଏଥିପାଇଁ ଆୟୋଜକ ମା' ଛୋଟିଭୁଆସୁଣୀ କଣ୍ଢେଇ ମେଳଣ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ୫ ତାରିଖ ଶୁକ୍ରବାର ଜମାଣ ଉତ୍ସବ ହୋଇଥିବା ବେଳେ ୮ ତାରିଖ ଠାକୁର ମେଳଣ ଅନୁଷ୍ଠିତ ହେବ। ଏଥିପାଇଁ ଆଖପାଖ ଅଞ୍ଚଳରୁ ୪୦ଟି କଣ୍ଢେଇ ଦୋଳ ବିମାନ ଗ୍ରାମ ପରିକ୍ରମା କରି ପ୍ରତି ଘରୁ ଭୋଗ ଖାଇବା ପରେ ମେଳଣ ପଡ଼ିଆରେ ଉପବିଷ୍ଟ ହେବେ। ଏହି ଦୋଳ ବିମାନକୁ ଛୋଟ ଛୋଟ ପିଲା କାନ୍ଧେଇକି ମେଳଣ ପଡ଼ିଆକୁ ଆଣିଥାନ୍ତି। ଏଥିପାଇଁ ପ୍ରତିଦିନ ଅପେରା, ଭଜନ, ସଂକୀର୍ତ୍ତନ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ।

## ଚିଲିକା-ନୂଆପଡାରେ ଦଶଦୋଳ

**କୃଷ୍ଣପ୍ରସାଦ,୩୧।୩(ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକ ଚିଲିକା ନୂଆପଡାଠାରେ ରବିବାର ଦଶଦୋଳ ଯାତ୍ରା ଆରମ୍ଭ ହୋଇଯାଇଛି। ପୀଠାଧୀଶ ଶ୍ରୀଗୁପ୍ତେଶ୍ୱର ଦେବ, ମା' ଚଣ୍ଡୀ ଠାକୁରାଣୀ କମିଟି ନେତୃତ୍ୱରେ ବିଭିନ୍ନ ସ୍ଥାନରୁ ୧୪ ଠାକୁର ସୁସଜ୍ଜିତ ବିମାନରେ ପଟୁଆରରେ ଆସି ପୂଜାମଣ୍ଡପରେ ବିରାଜମାନ ହୋଇଥିଲେ। ପ୍ରତ୍ୟହ ଆତସବାଜି ସହ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଚିଲିକା, ନୂଆପଡା ଗ୍ରାମ୍ୟ କମିଟି ସଭାପତି ଗୋଲଖ ସାହୁ, ସମ୍ପାଦକ ସ୍ୱାଧୀନ କୁମାର ପ୍ରଧାନଙ୍କ ସମେତ ୩୫ ଜଣିଆ କମିଟି ଯାତ୍ରା ପରିଚାଳନାରେ ସହଯୋଗ କରୁଛନ୍ତି। ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଫୋର୍ସ ମୁତୟନ କରାଯାଇଛି। ଯାତ୍ରା ୩ଦିନ ଚାଲିବ ବୋଲି ଆୟୋଜକଙ୍କଠାରୁ ପ୍ରକାଶ।

## ଭାଜପା କର୍ମକର୍ତ୍ତା ବୈଠକ

**ବୋଲଗଡ଼, ୩୧।୩ (ଡି.ଏନ.ଏ.):** ବେଗୁନିଆ ନିର୍ବାଚନ ମଣ୍ଡଳୀର ଭାଜପା କର୍ମକର୍ତ୍ତାଙ୍କ ବୈଠକ ରବିବାର ଅପରାହ୍ନରେ ରାଜସୁନାଖଳାସ୍ଥିତ କଲ୍ୟାଣୀମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଭାଜପା ନେତା ଅଶୋକ କୁମାର ରାଉତଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ଭାଜପାର ଭୁବନେଶ୍ୱର ଲୋକସଭା ପ୍ରାର୍ଥିନୀ ଅପରାଜିତା ଷଡଙ୍ଗୀ ଏବଂ ବେଗୁନିଆ ବିଧାନସଭା ପ୍ରାର୍ଥୀ ରିଷଭ ନନ୍ଦ ଯୋଗଦେଇଥିଲେ। ଉଭୟଙ୍କୁ ବିଜୟ କରିବା ନେଇ ଆଲୋଚନା ହୋଇଥିଲା। ଭାଜପା ପ୍ରଭାରୀ ଠାକୁର ରଣଜିତ ଦାଶ, ପୂର୍ବତନ ବ୍ଲକ ଅଧକ୍ଷ ରଘୁନାଥ ଷଡଙ୍ଗୀ, ଜିଲା ସାଧାରଣ ସମ୍ପାଦକ ଲୋତକବିନ୍ଦୁ ପଟ୍ଟନାୟକ, ପୂର୍ବତନ ମଣ୍ଡଳ ସଭାପତି ସୁବାସ ଚନ୍ଦ୍ର ମିଶ୍ର ପ୍ରମୁଖ ବୈଠକରେ ଯୋଗଦେଇଥିଲେ।

## ଡିଜିଟାଲ ଗ୍ରାମ ସଚେତନତା ଶିବିର



ଶିବିରରେ ଯୋଗଦେଇଥିବା ପ୍ରଶିକ୍ଷାର୍ଥୀମାନେ।

**ନିରାକାରପୁର,୩୧।୩(ଡି.ଏନ.ଏ.)**

ଡିଜିଟାଲ ଗ୍ରାମ ଘୋଷିତ ଗୋଳବାଇ ଗାଁରେ ରବିବାର ଏକ ଜନ ସଚେତନତା ଅନୁଷ୍ଠିତ ହୋଇଯାଇଛି। ଗୋଳବାଇସ୍ଥିତ ଜନସେବା କେନ୍ଦ୍ର ପକ୍ଷରୁ ଆୟୋଜିତ ଫାଇନାନ୍ସିଆଲ୍ ଇନ୍‌କ୍ଲୁଜନ ବିଷୟରେ ଲୋକଙ୍କୁ ସଚେତନତା କରାଯାଇଥିଲା। ଲୋକମାନେ କିଭଳି କ୍ୟାଶ୍‌ଲେସ୍ କାରବାର କରିପାରିବେ, ଇ-ବ୍ୟାଙ୍କିଂ ସହିତ ଅର୍ଥ ନେଣଦେଣ କରିପାରିବେ ସେ ନେଇ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ସିଏସ୍‌ସି ପ୍ରବନ୍ଧକ ସୁଶାନ୍ତ କୁମାର ସ୍ୱାଇଁ, ବରିଷ୍ଠ ପରିଚାଳକ ଜିତେନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ମହିଳା/ପୁରୁଷ ଯୋଗଦେଇ କ୍ୟାଶ୍‌ଲେସ୍ କାରବାର ବିଷୟରେ ବୁଝିଥିଲେ। ଗୋଳବାଇ ସିଏସ୍‌ସି ପରିଚାଳକ ପଦ୍ମନାଭ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନିରାକାରପୁର ସିଏସ୍‌ସି ପରିଚାଳକ ମୁକ୍ତିକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଦିଆରୀ ଦଶଦୋଳ ମେଳଣ ଜମାଣ

**ଜଟଣୀ,୩୧।୩(ଡି.ଏନ.ଏ.) :**ଜଟଣୀର ଅନ୍ୟତମ ପ୍ରସିଦ୍ଧ କୁଦିଆରୀ ଦଶଦୋଳ ମେଳଣ ରବିବାରଠାରୁ ଆରମ୍ଭ ହୋଇଛି। ରବିବାର ଜମାଣ ରାତି ହୋଇଥିବା ବେଳେ ଆସନ୍ତା ବୁଧବାର ଠାକୁର ମେଳଣ ଉତ୍ସବ ଅନୁଷ୍ଠିତ ହେବ। ୩୭ ବର୍ଷ ହେବ ହୋଇଆସୁଥିବା ଏହି ପ୍ରସିଦ୍ଧ ମେଳଣର ଜମାଣ ରାତିରେ ବହୁ ଜନସମାଗମ ହୋଇଥିଲା। ନିମନ୍ତ୍ରଣ କ୍ରମେ ବିଭିନ୍ନ ଗ୍ରାମରୁ ଦୋଳ ବିମାନରେ ୪୦ ଠାକୁରଙ୍କ ବିଗ୍ରହ ଏଠାରେ ଉପବିଷ୍ଟ ହୋଇଛନ୍ତି। ଜମାଣ ରାତିରେ ଥାନପତି ଶ୍ରୀପତିତପାବନ ଚନ୍ଦ୍ରଶେଖର ଦେବ ବିରାଟ ପଟୁଆରରେ ମନ୍ଦିରରୁ ବାହାରି ମେଳଣ ପଡ଼ିଆକୁ ଆସିଥିଲେ। ଏହି ପଟୁଆରରେ ସିଂହବାଜା, ସୁଆଙ୍ଗ ଶଗଡ଼, ନାଗାନୃତ୍ୟ, ଘୋଡ଼ାନୃତ୍ୟ, ଘଣ୍ଟଘଣ୍ଟାରେ ମେଳଣ ପଡିଆକୁ ବିଜେ କରିଥିଲେ। ଏହି ପରିପ୍ରେକ୍ଷୀରେ ଚିତ୍ତାକର୍ଷକ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ଜନସମାଗମ ଦୃଷ୍ଟିରୁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମେଳଣ ପଡିଆରେ ଅସ୍ଥାୟୀ ଦୋକାନ ଗଢି ଉଠିବା ସହ ଜମାଣ ରାତିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଝାଡେଶ୍ୱରୀ କ୍ଲବ ପକ୍ଷରୁ ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଖୋର୍ଦ୍ଧା ସହରରେ ଘୂର୍ଣ୍ଣିଝଡ଼

**ଖୋର୍ଦ୍ଧା ଅଫିସ, ୩୧।୩:** ରବିବାର ସନ୍ଧ୍ୟାରେ ଖୋର୍ଦ୍ଧା ସହରରେ ଦେଢ଼ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଘୂର୍ଣ୍ଣିଝଡ ଲାଗି ରହିଥିଲା। ପ୍ରଭାବରେ ବିଦ୍ୟୁତ୍ ସରବରାହ ସନ୍ଧ୍ୟା ୬ଟାରୁ ବନ୍ଦ ରହିଥିଲା। ରାତି ପ୍ରାୟ ୧୦ଟାରେ ବିଦ୍ୟୁତ୍ ଆସିଛି। ୪୦୭ ମିନି ଟ୍ରକ୍ ଷ୍ଟାଣ୍ଡରେ ଗଛ ଭାଙ୍ଗି ପଡିଥିଲା। ଷ୍ଟାଣ୍ଡ କର୍ମଚାରୀମାନ ରାସ୍ତାରୁ ତୁରନ୍ତ ଗଛ କାଟି ସଫା କରି ଦେଇଥିଲେ। କେତେକ ସ୍ଥାନରେ ଗଛ ଭାଙ୍ଗିଯାଇଛି। ରାତି ଯୋଗୁ କ୍ଷୟକ୍ଷତିର ରିପୋର୍ଟ ହସ୍ତଗତ ହୋଇପାରିନାହିଁ।

## ଡିଏଭି ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ



ମଞ୍ଚରେ ଯୋଗଦେଇଥିବା ଅତିଥି ଓ କର୍ମକର୍ତ୍ତା।

**ନିରାକାରପୁର,୩୧।୩(ଡି.ଏନ.ଏ.):** ନିରାକାରପୁରସ୍ଥିତ ଡିଏଭି ପବ୍ଲିକ ସ୍କୁଲର ୬ଷ୍ଠ ବାର୍ଷିକୋତ୍ସବ ରବିବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ମିଶ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ସନ୍ତୋଷ କୁମାର କର, ସମ୍ମାନିତ ଅତିଥି ଭାବେ ନିରାକାରପୁର ସରପଞ୍ଚ ହୃଷୀକେଶ ରାଉତରାୟ, ଶିକ୍ଷାବିତ ଅବଧୂତ ଚମ୍ପତି, ପରିଚାଳନା କମିଟି ସମ୍ପାଦକ ଛବିରାମ ପରିଡ଼ା, ସଦସ୍ୟ ଫକୀର ମୋହନ ଧଳ ପ୍ରମୁଖ ଯୋଗଦେଇ ଅନୁଷ୍ଠାନ ବିକାଶ ଓ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିକ୍ଷୟିତ୍ରୀ ବନ୍ଦନା ମହାପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ଶର୍ମିଳା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଦୂରେଇ ଚାଲିଛି ଓଡ଼ିଆ ଭାଷା, ସଂସ୍କୃତି

**ଖୋର୍ଦ୍ଧା ଅଫିସ,୩୧।୩**

ଓଡ଼ିଶାର ଐତିହ୍ୟ, ସଂସ୍କୃତି ବହୁ ପ୍ରାଚୀନ। ତେବେ ଆଧୁନିକତା ସ୍ପର୍ଶରେ ସମୟ ଓ ସମାଜ କବଳିତ ହୋଇ ରହିଛି। ଘରେ ଡାଡିମମିର ସମ୍ବୋଧନ, ବିଦ୍ୟାଳୟରେ ହାଏ ହାଲୋର କୋଳାହଳ। ବହିମେଳାରେ ବିଜ୍ଞଜନଙ୍କର ଇଂରାଜୀ ବହିକିଣା। ଆମର ଉତ୍ତରଦାୟାଦଙ୍କ ଚେତନାରୁ ଗୋପବନ୍ଧୁ, ମଧୁସୂଦନ ଓ ଫକୀରମୋହନ ଦୂରେଇ ଯାଉଛନ୍ତି। ଓଡିଆତ୍ୱର ଏହି ବିପର୍ଯ୍ୟୟ ମଧ୍ୟରେ ଆମ ଭାଷାର ଶାସ୍ତ୍ରୀୟ ମାନ୍ୟତା, ରସଗୋଲାର ଓଡ଼ିଆ ବୁନିଆଦି, ଦୋକାନବଜାରରେ ଓଡ଼ିଆ ନାମଫଳକର ସନ୍ତୁଷ୍ଟି ନେଇ ଆମେ ପାଳୁଛେ ଓଡ଼ିଶା ଦିବସ। ହେଲେ ଆମେ ଦୂରେଇ ଚାଲିଛୁ ଆମ ଭାଷା, ସଂସ୍କୃତି ଓ ଲୋକକଳାଠାରୁ। ଓଡ଼ିଶା ଦିବସ ପାଳି ଉପରେ ଆମେ ଖୁସି ହେଉଛେ, କିନ୍ତୁ ଆମର ସେହି ପୂର୍ବର ଜାତୀୟ ପ୍ରୀତି ଆଉ ନାହିଁ। ଖୋର୍ଦ୍ଧା ଜିଲାରେ ଏହାର ପ୍ରଭାବ ବହୁଳ ଭାବେ ଅନୁଭୂତ ହେଉଛି।

ଆଦିମ କାଳରୁ ଲୋକକଳା ମନୋରଞ୍ଜନର ମାଧ୍ୟମ ପାଲଟିଥିଲା। ଆଧୁନିକତାର ପ୍ରଭାବ, ଆଦର ଓ ପ୍ରୋତ୍ସାହନର ଅଭାବରୁ ଲୋକକଳା ତା'ର ଗତି ବଦଳାଇଛି। ହେଲେ ନିଜ ସ୍ୱାତନ୍ତ୍ର୍ୟ ବଜାୟ ରଖିବାକୁ ଚେଷ୍ଟା ଜାରି ରଖିଛି। ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବ ଆମକୁ ଅଲଗା କରିଦେଇଛି ଲୋକକଳା ପାଖରୁ। କୃଷ୍ଣଲୀଳା, ରାମଲୀଳା ଓ ଦଣ୍ଡନୃତ୍ୟରେ ପୌରାଣିକ କଥାବସ୍ତୁ କେଳା କେଳୁଣୀ ନୃତ୍ୟ, ଚଢ଼େୟା ନୃତ୍ୟ ଆଦିରେ ସାମାଜିକ ବାର୍ତ୍ତା ରହିଥାଏ। ହେଲେ ଏହାର ଅବକ୍ଷୟ ଘଟିବାରେ ଲାଗିଛି। ଡିସ୍କୋ, ମେଲୋଡିର ଆବିର୍ଭାବରେ ଘରକୋଣକୁ ଚାଲିଯାଇଛି ପାଲା, ଦାସକାଠିଆ ପରି ଆମର ବହୁ ଲୋକପ୍ରିୟ ଲୋକକଳା। ରାତି ଅନିଦ୍ରା ହୋଇ ଯାତ୍ରା ଦେଖୁଥିବା ଲୋକେ ଦଣ୍ଡଯାତ୍ରା କହିଲେ ମୁହଁ ମୋଡୁଛନ୍ତି। ବୈଦ୍ୟୁତିକ ଗଣମାଧ୍ୟମର ବ୍ୟାପକତା ଯୋଗୁ ଲୋକକଳାର ଆଦର କମିଯାଉଛି। କଳାକାରମାନେ ଜୀବନଜୀବିକା ପାଇଁ ଅନ୍ୟ ପନ୍ଥା ବାଛି ନେଉଥିବା ଅଭିଯୋଗ ହେଉଛି। ଲୋକକଳାର ଆଦର କମିବା ପରେ ଧୀରେ ଧୀରେ ଏହା ଅସ୍ତିତ୍ୱ ହରାଇବାକୁ ବସିଛି। ପୂର୍ବେ ଅଧିକାଂଶ ଗାଁରେ ରାମଲୀଳା, କୃଷ୍ଣଲୀଳା, କାଳୀୟ ଦଳନ ହେଉଥିଲା। ମାତ୍ର ଏବେ ଏହା କେତୋଟି ଗାଁରେ ସୀମିତ ହୋଇ ରହିଯାଇଛି। ଏଣୁ ବଞ୍ଚି ରହିଥିବା ଲୋକକଳାକୁ ବଞ୍ଚାଇ ରଖିବାର ଆବଶ୍ୟକତା ଦେଖାଦେଇଛି। ଭାଷା ସୁରକ୍ଷା ସମ୍ମିଳନୀର ଜିଲା ସଭାପତି ସତ୍ୟବାଦୀ ବଳିଆରସିଂ କୁହନ୍ତି, ପୂର୍ବରୁ ଓଡ଼ିଶା ଦିବସ ପାଳନ ଅବସରରେ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜିଲା ସଦର ମହକୁମାରେ ପାଲା, ଦାସକାଠିଆ ସହ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଉଥିଲା। ଏବେ ଏହା କରାଯାଉନାହିଁ। ଜିଲାର ବିଭିନ୍ନ ବିଦ୍ୟାଳୟରେ ଓଡ଼ିଆ ଭାଷା ପଢ଼ାଇବାକୁ ଶିକ୍ଷକ ନାହାନ୍ତି। ଗାଁରେ ଭାଗବତ ଟୁଙ୍ଗି ଲୋପ ପାଇବାକୁ ବସିଲାଣି। ଚାଟଶାଳି ଅପଭ୍ରଂଶ ହୋଇ ପ୍ଲେ ସ୍କୁଲ ହେଲାଣି। ଏଣୁ ସରକାର କଳାକାରଙ୍କୁ ପ୍ରୋତ୍ସାହନ ଯୋଗାଇବା ସହ ଲୋକକଳା ତାଲିମ କେନ୍ଦ୍ର ଖୋଲିବାର ସମୟ ପହଞ୍ଚିଛି। ସରକାରୀସ୍ତରରେ ଲୋକକଳାଗୁଡିକର ଡକ୍ୟୁମେଣ୍ଟେଶନ କରାଯିବା ସହ ସଂଗ୍ରହାଳୟର ଆବଶ୍ୟକତା ରହିଛି। ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ କୋଷାଧ୍ୟକ୍ଷ ବିମଳ ଷଡଙ୍ଗୀ କୁହନ୍ତି, ସାଧାରଣ ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ପ୍ରତ୍ୟେକ ଗାଁରେ ନାଗରିକମାନଙ୍କ ଏକ ସଚେତନ ଗୋଷ୍ଠୀ ସୃଷ୍ଟି ହେବା ଉଚିତ। ଏହି ଗୋଷ୍ଠୀ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସଭାସମିତି କରି ଗାଁ ଲୋକଙ୍କୁ ପ୍ରଭାବିତ କରାନ୍ତୁ। ସରକାରୀ ସ୍କୁଲରେ ଓଡ଼ିଆ ଭାଷାର ଶିକ୍ଷାଦାନ ନିମନ୍ତେ ସରକାର ଅଧିକ ଧ୍ୟାନ ଦେବା ଦରକାର। ଶିକ୍ଷକମାନେ ସଚେତନ ହୋଇ ଓଡ଼ିଆ ଭାଷାର ମଧ ପ୍ରଚାର, ପ୍ରସାର ଓ ସୁରକ୍ଷା କରିବା ଉଚିତ।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
–ଉତ୍କଳ ଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ଶ୍ରୀମନ୍ଦିରରେ ଭକ୍ତଙ୍କୁ ଲୁଟ୍, ଜଣେ ଗିରଫ

**ପୁରୀ ଅଫିସ, ୩୧।୩:** ଶ୍ରୀମନ୍ଦିରରେ ଭକ୍ତଙ୍କୁ ଲୁଟ୍ କରିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଖୋର୍ଦ୍ଧା ଇଟାମାଟି ଅଞ୍ଚଳର ପ୍ରକାଶ ନାୟକ। ସେ ହରଚଣ୍ଡୀସାହିର ଗୁଡ଼ିଆସାହିରେ ରହୁଛନ୍ତି। ଥାନାଧିକାରୀ ଶ୍ରବଣ କୁମାର ମହାରଣାଙ୍କ ସୂଚନା ଅନୁଯାୟୀ, ଶନିବାର ପଶ୍ଚିମବଙ୍ଗର ସଞ୍ଜୀବ ଦାସ ସରପରିବାର ଦର୍ଶନ ପାଇଁ ଆସିଥିଲେ। ମହାଲକ୍ଷ୍ମୀ ମନ୍ଦିରକୁ ବ୍ୟାରିକେଡ ଦେଇ ଯାଉଥିବା ବେଳେ ପ୍ରକାଶ ତାଙ୍କ ପଞ୍ଜାବୀ ପକେଟ୍ରୁ ମନିପର୍ସ ନେଇ ପଳାଇ ଯାଉଥିଲେ। ସଞ୍ଜୀବ ପାଟି କରିବାରୁ ସେଠାରେ କାର୍ଯ୍ୟରତ ଜଣେ ପୋଲିସ କର୍ମଚାରୀ ପ୍ରକାଶଙ୍କୁ ଧରି ଥାନାକୁ ଆଣିଥିଲେ। ତାଙ୍କଠାରୁ ସଞ୍ଜୀବଙ୍କ ମନିପର୍ସ ଜବତ କରାଯାଇଥିଲା। ସେଥିରେ ୨୦୦୦ ଟଙ୍କା ଥିଲା। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୨୫/୧୯) ରୁଜୁ କରାଯାଇ ରବିବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍କୁ ପଠାଇ ଦିଆଯାଇଛି। ପୂର୍ବରୁ ଏକାଧିକ ଥାନାରେ ତାଙ୍କ ନାମରେ ଲୁଟ୍ ମାମଲା ରହିଥିବା ଥାନାଧିକାରୀ କହିଛନ୍ତି।

### ପର୍ଯ୍ୟଟକଙ୍କ ଗାଡ଼ି ଧକ୍କାରେ ଜଣେ ମୃତ

**ବ୍ରହ୍ମଗିରି, ୩୧।୩(ଡି.ଏନ୍.ଏ.):** ପର୍ଯ୍ୟଟକଙ୍କ ଗାଡି ଧକ୍କାରେ ରବିବାର ବ୍ରହ୍ମଗିରି ଥାନା ଅନ୍ତର୍ଗତ ଭୁବନପୁର ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶରୁ କେତେଜଣ ପର୍ଯ୍ୟଟକ ରବିବାର ସାତପଡା ବୁଲିବାକୁ ଆସିଥିଲେ। ସାତପଡାରୁ ଫେରୁଥିବା ସମୟରେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ଗୋଖରା ଛକ ନିକଟରେ ତାଙ୍କ ଗାଡି ଓଡି୦୯ଡି-୬୦୫୫ ସହିତ ଉକ୍ତ ଥାନା ଅନ୍ତର୍ଗତ ଭୁବନପୁର ଗୋଇ ସାହିର ଗୋଲେଖ ଭୋଇ (୩୫) ବ୍ରହ୍ମଗିରିରୁ ନିଜ ଗାଁ ଅଭିମୁଖେ ଏକ ବାଇକରେ ଯାଉଥିବା ସମୟରେ ପର୍ଯ୍ୟଟକଙ୍କ ଗାଡି ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଗୋଲେଖଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଓ ଗାଡ଼ି ଜବତ କରିବା ସହିତ ଗାଡି ଚାଳକଙ୍କୁ ଥାନାରେ ଅଟକ ରଖିଛି। ଏ ନେଇ ଥାନାରେ ୪୨/୧୯ରେ ଏକ ମାମଲା ରୁଜ ହୋଇଛି।

### ମୁଁ ବି ଚୌକିଦାର କାର୍ଯ୍ୟକ୍ରମ ଦେଖିଲେ ଲୋକେ

**ପୁରୀ ଅଫିସ, ୩୧।୩:** ଶରଧାବାଲିଠାରେ ମୁଁ ବି ଚୌକିଦାର କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଛନ୍ତି ଲୋକେ। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଏଥିପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା। ଏକ ବଡ଼ ସ୍କ୍ରିନ୍ ମାଧମରେ ସିଧା ପ୍ରସାରିତ ଏହି କାର୍ଯ୍ୟକ୍ରମକୁ ଭାଜପା କର୍ମୀଙ୍କ ସମେତ ବହୁ ସଂଖ୍ୟାରେ ଲୋକେ ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ବିଭିନ୍ନ ପ୍ରାନ୍ତର ଲୋକଙ୍କ ସହ ସିଧାସଳଖ କଥା ହୋଇଥିଲେ। ଲୋକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ ପ୍ରଧାନମନ୍ତ୍ରୀ। କହିଥିଲେ, ମୁଁ ଏକୁଟିଆ ନୁହେଁ ଯେଉଁମାନେ ଦୁର୍ନୀତି, ସାମାଜିକ ଅନ୍ୟାୟ ବିରୋଧରେ ଲଢେଇ କରୁଛନ୍ତି ସେମାନେ ବି ଜଣେ ଜଣେ ଚୌକିଦାର। ଯେଉଁମାନେ ଭାରତର ପ୍ରଗତି ପାଇଁ କଠିନ ପରିଶ୍ରମ କରୁଛନ୍ତି ସେମାନେ ବି ଚୌକିଦାର। ଏ ସମ୍ପର୍କରେ ପୁରୀ ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାଶ କହିଛନ୍ତି, ଏହା କୌଣସି ନିର୍ବାଚନୀ ପ୍ରଚାର ନୁହେଁ। ଦେଶର ପ୍ରତ୍ୟେକ ଲୋକ ନିଜ ଦାୟିତ୍ୱବୋଧ ବିଷୟରେ ଜାଣି ଦେଶରେ ପ୍ରଗତିରେ ସହଭାଗିତା ହୁଅନ୍ତୁ ଏହା ହିଁ ଏହି କାଯର୍ୟକ୍ରମର ମୁଖ୍ୟ ଲକ୍ଷ୍ୟ।

### ଭୋଟର ସଚେତନତା କାର୍ଯ୍ୟକ୍ରମ

**ପୁରୀ ଅଫିସ, ୩୧।୩:** ଆସନ୍ତା ସାଧାରଣ ନିର୍ବାଚନକୁ ନିରପେକ୍ଷ ଓ ସ୍ୱଚ୍ଛତାର ସହ ସମ୍ପନ୍ନ କରିବା ଲାଗି ଶ୍ରୀକ୍ଷେତ୍ର ସଂସ୍କୃତି ଯୁବ ମଞ୍ଚ ପକ୍ଷରୁ ରବିବାର ବଡ଼ଦାଣ୍ଡରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ମଞ୍ଚର କର୍ମକର୍ତ୍ତାମାନେ ମେଡିକାଲ ଛକଠାରୁ ଶୋଭାଯାତ୍ରାରେ ବାହାରିଥିଲେ। ଭୋଟଦାନ ସମ୍ପର୍କୀତ ବିଭିନ୍ନ ପ୍ରକାର ବାର୍ତ୍ତା ଲେଖାଥିବା ପ୍ଲାକାର୍ଡ ଏବଂ ବ୍ୟାନର ଧରି ଜନସାଧାରଣଙ୍କୁ ସଚେତନ କରିଥିଲେ। ମଞ୍ଚର ଆବାହକ ଶକ୍ତି ପ୍ରସାଦ ରଥଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ଥିଲେ।

■ ଗାନ୍ଧୀ ସେବା ସଂଘ ସ୍ମାରକୀ ସମାବେଶ

# ମହାତ୍ମାଙ୍କ ବାର୍ତ୍ତା ଘରେ ଘରେ ପହଞ୍ଚିବା ଦରକାର

**କଣାସ,୩୧।୩(ଡି.ଏନ.ଏ)**



ସମାବେଶରେ ଯୋଗଦେଇଥିବା ଅତିଥିମାନେ।

ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଶାନ୍ତି ଓ ଅହିଂସା ବାର୍ତ୍ତା ଘରେ ଘରେ ପହଞ୍ଚିବା ପାଇଁ ଡେଲାଙ୍ଗ ବ୍ଲକର ବେରବୋଇ ଗାନ୍ଧୀ ସେବା ସଂଘ ସମ୍ମିଳନୀ ସ୍ମାରକୀ ସମାବେଶରେ ମୁଖ୍ୟଅତିଥି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀଚରଣ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବକ୍ତାମାନେ ମତପ୍ରକାଶ କରିଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀ, ସ୍ତ୍ରୀ କସ୍ତୁରବା ଗାନ୍ଧୀ ପ୍ରମୁଖ ଶତାଧିକ ତତ୍କାଳୀନ ରାଷ୍ଟ୍ରୀୟ ନେତା ୧୯୩୮ ମାର୍ଚ୍ଚ ୨୫ରୁ ୩୧ ଐତିହାସିକ ବେରବୋଇ ଗାନ୍ଧୀ ସେବା ସଂଘ ସମ୍ମିଳନୀର ସ୍ମୃତିଚାରଣ କରିବା ସହ ଗାନ୍ଧୀବାର୍ତ୍ତାର ପ୍ରଚାର ଲକ୍ଷ୍ୟ ନେଇ ସ୍ଥାନୀୟ ସ୍ମାରକୀ ସମିତି ଓ କସ୍ତୁରବା ଟ୍ରଷ୍ଟ ଆନୁକୂଲ୍ୟରେ ରବିବାର ସ୍ମାରକୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ବିଚିତ୍ରାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ରତ୍ନପର୍ଣ୍ଣା ମହାନ୍ତି, ଗାନ୍ଧୀ ଦର୍ଶନର ସଂଗଠକ ଓ ପ୍ରବକ୍ତା ଡ. ସଞ୍ଜୀବ ପ୍ରଧାନ, ପ୍ରାବନ୍ଧିକ ପ୍ରହ୍ଲାଦ ସିଂହ, ଲେଖକ ପ୍ରଫୁଲ୍ଲ ନାୟକ, କସ୍ତୁରବା ଟ୍ରଷ୍ଟ ଅଧ୍ୟକ୍ଷା ଶିକ୍ଷାବିତ୍ କୁନ୍ତଳା ବିଶ୍ୱାଳ, ବ୍ଲକର ପୂର୍ବତନ ଅଧ୍ୟକ୍ଷ ସତ୍ୟବାଦୀ ସ୍ୱାଇଁ, ମହିଳା ସଂଗଠିକା ନିରୁପମା ପାତ୍ର, ଶରତ ଚନ୍ଦ୍ର ରାଉତ, କଣାସ ବିକାଶ ପରିଷଦର ସମ୍ପାଦକ ଲିଙ୍ଗରାଜ ପରିଡା, ସୁବାସ ଚନ୍ଦ୍ର ଦାସ, ରମେଶଚନ୍ଦ୍ର ମହାପାତ୍ର, ଜଟଣୀ ବରିଷ୍ଠ ନାଗରିକ ସଂଘ ସଭାପତି ଅବନୀ ରାଉତରାୟ, ସମ୍ପାଦକ ଜବାହରଲାଲ ସୁବୁଦ୍ଧି, ପ୍ରସନ୍ନ ମହାରଥୀ, ଦୁର୍ଗାଚରଣ ରାଉତରାୟ, କସ୍ତୁରବା ଗ୍ରାମ ସେବା କେନ୍ଦ୍ର ସଞ୍ଚାଳିକା କବିତାରାଣୀ ପରିଡା, ଜୟନ୍ତୀ ବିଶ୍ୱାଳ ପ୍ରମୁଖ ମହାତ୍ମା ଗାନ୍ଧୀଙ୍କ ଜୀବନାଦର୍ଶ, ବେରବୋଇ ସମ୍ମିଳନୀ ନିଶା ନିବାରଣ, ଅହିଂସା, ଶାନ୍ତି, ସର୍ବଧର୍ମ ସମନ୍ୱୟ ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। ଗାନ୍ଧୀ ସ୍ମାରକୀ ସମିତିର ସମ୍ପାଦକ ଚନ୍ଦ୍ରଶେଖର ବିଶ୍ୱାଳ ସମିତିର ବିବରଣୀ ପାଠ କରିଥିଲେ। ଅନ୍ୟତମ ଗାନ୍ଧୀ ଗବେଷକ ଗୌରାଙ୍ଗ ଚରଣ ପରିଡା ମଞ୍ଚ ସଂଯୋଜନା କରିଥିଲେ। ବରିଷ୍ଠ ସଭ୍ୟ ଅନାମ ଚରଣ ମଲ୍ଲିକ ଧନ୍ୟବାଦ ଦେଇଥିଲେ। କୋଷାଧ୍ୟକ୍ଷ କ୍ଷେତ୍ରବାସୀ ଆଲୁକ, ବ୍ରହ୍ମାନନ୍ଦ ମହାନ୍ତି ବଲ୍ଲଭ ବିଶ୍ୱାଳ, ଆଇନଜୀବୀ ହୃଷୀକେଶ ପାଢୀ, ଶିକ୍ଷକ ଅଭୟ ସାହୁ, ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ସମାବେଶ ଆୟୋଜନରେ ସହଯୋଗ କରିଥିଲେ।



ଅଗ୍ନିଶମ ବିଭାଗ କର୍ମଚାରୀମାନେ ରାସ୍ତାରେ ଭାଙ୍ଗିପଡିଥିବା ଗଛକୁ ସଫା କରୁଛନ୍ତି।

## କାଳବୈଶାଖୀରେ ପୁରୁଣା ଗଛ ଭାଙ୍ଗିଲା

**ସାକ୍ଷୀଗୋପାଳ, ୩୧।୩(ଡି.ଏନ.ଏ./ ସ୍ୱ.ପ୍ର.)**

ରବିବାର ଅପରାହ୍ନରେ ଅଚାନକ ଆରମ୍ଭ ହୋଇଥିବା କାଳବୈଶାଖୀରେ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଥିବା ୨୦୦ ବର୍ଷ ତଳର ପୁରୁଣା ଖିରି କୋଳି ଗଛଟି ମୂଳରୁ ଭାଙ୍ଗି ପଡ଼ିଛି। ଏହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ଗୋଟିଏ ଯାତ୍ରୀବାହୀ ବସ ଓ କିଛି କାର୍, ବାଇକ୍ ଚାଳକ ଏକ ବଡ଼ ଦୁର୍ଘଟଣା ହେବାରୁ ବର୍ତ୍ତି ଯାଇଛି। ଗଛର ମୂଳଟି ପ୍ରାୟ ୪୦ଫୁଟ ଗୋଲାଇ ରହିଥିବାବେଳେ ଉଚ୍ଚତା ୩୫ଫୁଟ ହେବ ବୋଲି ଜଣାଯାଇଛି। ଖବରପାଇ ସାକ୍ଷୀଗୋପାଳର ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ତୁରନ୍ତ କଟର୍ ସାହାଯ୍ୟରେ କଟାଯାଇ ସାକ୍ଷୀଗୋପାଳ-ଅଳଗୁମ ରାସ୍ତାଟିକୁ ପରିଷ୍କାର କରାଯାଇଥିଲା। ସାକ୍ଷୀଗୋପାଳ ମନ୍ଦିରର ପ୍ରଶାସନିକ ଅଧିକାରୀ କୈଳାସ ମିଶ୍ରଙ୍କ ନେତୃତ୍ୱରେ ସମସ୍ତ ଭଙ୍ଗାଗଛଗୁଡ଼ିକୁ ହଟାଯିବାର ସୁବ୍ୟବସ୍ଥା କରାଯାଇଥିଲା। ଘୂର୍ଣ୍ଣିଝଡ଼ର ପ୍ରଭାବ ୪ଘଣ୍ଟା ଧରି ରହିବାରୁ ଏକ ଟେଲିଫୋନ ଟାୱାର ଭାଙ୍ଗିଯିବା ସହ ଅନ୍ୟ କେତେକ ପୁରୁଣା ଗଛଗୁଡିକ ମଧ ଭାଙ୍ଗି ଯାଇଛି। ଯାହାଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଏହାସହ ସାକ୍ଷୀଗୋପାଳ ଠାରୁ ସତ୍ୟବାଦୀ ଅଞ୍ଚଳ ପର୍ଯ୍ୟନ୍ତ ୪ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

■ ନାବାଳକଙ୍କୁ ଡାକ୍ତରଙ୍କ ମାଡ଼ ଘଟଣା

# ୭୨ଘଣ୍ଟା ମଧ୍ୟରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ପୁରୀ ଅଫିସ, ୩୧।୩**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ନାବାଳକଙ୍କୁ ଡାକ୍ତର ମାଡ ମାରିବା ଅଭିଯୋଗ ଘଟଣାରେ ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ଅସନ୍ତୋଷ ପ୍ରକାଶ କରିଛନ୍ତି। ୭୨ଘଣ୍ଟା ମଧ୍ୟରେ ରିପୋର୍ଟ ଦାଖଲ କରିବା ଲାଗି ସିଡିଏମଓଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଏହି ଘଟଣା ଜଣାପଡିବା ପରେ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସଂପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ସାଧାରଣରେ ଦାବି ହୋଇଛି। ଅନ୍ୟପଟେ ଘଟଣାର ତଦନ୍ତ ଲାଗି ଏଡିଏମଓ(ମେଡିକାଲ)ଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସିଡିଏମଓ କହିଛନ୍ତି। ରୋଗୀଙ୍କୁ ହାତ ଉଠାଇବା ଏକ ନିନ୍ଦନୀୟ ଘଟଣା। ତଦନ୍ତ ରିପୋର୍ଟ ଆସିବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ମିଳିଥିବା ସୂଚନା ପ୍ରକାରେ ମିଶ୍ର ସାହିର ଅର୍ଜୁନ ମାନସିଂ ତାଙ୍କ ପୁଅଙ୍କୁ ଚିକିତ୍ସା ପାଇଁ ଶନିବାର ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତାଙ୍କର ପରିସ୍ରାଗତ ସମସ୍ୟା ରହିଥିବାରୁ ଏକ ସାମାନ୍ୟ ଅପରେସନର ଆବଶ୍ୟକ ହେବାରୁ ତାଙ୍କୁ ସର୍ଜରୀ ଓଟିକୁ ନିଆଯାଇଥିଲା। ଓଟିରେ ଡ୍ୟୁଟିରେ ଡା. ପି.କେ.ଜେନା ରହିଥିଲେ। ସେଠାରେ କୌଣସି କାରଣକୁ ନେଇ ଡା.ଜେନା ଉତ୍ତେଜିତ ହୋଇ ସଂପୃକ୍ତ ନାବାଳକଙ୍କୁ ନିର୍ଘୃମ ପିଟିଥିଲେ। ନାବାଳଙ୍କ ଦୁଇ ଗାଲକୁ ଶକ୍ତ ଚାପୁଡା ମାରିଥିଲେ। ଏ ନେଇ ପରିବାର ଲୋକେ ଜାଣିବା ପରେ ଏହାର ତୀବ୍ର ବିରୋଧ କରିଥିଲେ। ପରିବାର ଲୋକେ ଘଟଣା ସମ୍ପର୍କରେ ସିଡିଏମଓ ଓ କୁମ୍ଭାରପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଉଜ୍ଜ୍ୱଳ ଓ ଉତ୍ଥାନ ତାଲିମ ଶିବିର

**କଣାସ,୩୧।୩(ଡି.ଏନ.ଏ.)**

ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅପେକ୍ଷାକୃତ ଦୁର୍ବଳ ଛାତ୍ରୀଛାତ୍ରଙ୍କୁ ପୂର୍ବ ପାଠର ପୁନଃ ଶିକ୍ଷାଦାନ ଲକ୍ଷ୍ୟନେଇ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଆରମ୍ଭ ହୋଇଥିବା ଉଜ୍ଜ୍ୱଳ ଓ ଉତ୍ଥାନ ଶିକ୍ଷାଦାନ ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଗତ ୨୭ତାରିଖଠାରୁ ରେଞ୍ଚ ପ୍ରାଥମିକ ବିଦ୍ୟାଳୟ, ଡେଲାଙ୍ଗ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଉଜ୍ଜ୍ୱଳ ଓ ଗଡମୋଟରୀ ବିଶ୍ୱନାଥ ଦେବ ଉଚ୍ଚ ବିଦ୍ୟାପୀଠ ପରିସରରେ ଉତ୍ଥାନ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଥିଲା। ଗଡମୋଟରୀରେ ୪୮ଜଣ, ରେଞ୍ଚରେ ୬୧ଜଣ, ଡେଲାଙ୍ଗ ବାଳିକା ଉଚ୍ଚ ବିଦ୍ୟାଳୟରେ ୪୭ଜଣ ବଛାବଛା ଶିକ୍ଷକ ଏହି ୪ ଦିନିଆ ଶିବିରରେ ଶିକ୍ଷାଦାନ କୌଶଳ ତାଲିମ ନେଇଥିଲେ। ପ୍ରଶିକ୍ଷକ ଶରତ ସାହୁ, ନିରଞ୍ଜନ ସାହୁ, ଦୟାନିଧି ମାର୍ଥା, ସୁଧାଂଶୁବାଳା ପ୍ରଧାନ ଉଜ୍ଜ୍ୱଳ ତାଲିମ ପ୍ରଦାନ କରିଥିବା ବେଳେ ମମତା ପ୍ରଧାନ, ଜ୍ଞାନରଞ୍ଜନ ପ୍ରଧାନ, ସୂର୍ଯ୍ୟକାନ୍ତ ନାୟକ ପ୍ରମୁଖ ଉତ୍ଥାନ ତାଲିମ ଦେଇଥିଲେ। ସହକାରୀ ଶିକ୍ଷାଧିକାରୀ ଯୁଧିଷ୍ଠିର ପରିଡା, ଶରତ ଚନ୍ଦ୍ର ମିଶ୍ର ଓ ରବିନାରାୟଣ ମହାପାତ୍ର ପର୍ଯ୍ୟବେକ୍ଷକ ଭାବେ ପ୍ରଶିକ୍ଷଣ କେନ୍ଦ୍ରର କାର୍ଯ୍ୟଧାରା ସମୀକ୍ଷା କରିଥିଲେ। ସମ୍ପୃକ୍ତ ଆଞ୍ଚଳିକ ସାଧନ ସଂଯୋଜକ ଶିବିର ପରିଚାଳନା କରିଥିଲେ।

## ରାଜ୍ୟ ଓପନ୍ ଚେସ୍ ଉଦ୍‌ଯାପିତ





ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ପୁରୀ ଅଫିସ, ୩୧।୩**

ଏସ୍.ଏନ୍ ଚେସ୍ ଏକାଡେମୀ ପକ୍ଷରୁ ତିନିଦିନ ବ୍ୟାପୀ ହୋଟେଲ ହଲିଡେରେ ଚାଲିଥିବା ଅଲ୍ ଓଡ଼ିଶା ଓପନ୍ ଚେସ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଟପ୍ ୧୫ରେ ରହିଥିବା କୃତୀ ପ୍ରତିଯୋଗୀଙ୍କୁ କ୍ୟାସ୍ ପ୍ରାଇଜ୍ ବାବଦକୁ ୫୬ହଜାର ଟଙ୍କା ଦିଆଯାଇଛି। ପୁରୀର ରାଜେଶ ନାୟକ ୨୧୯୯ରେଟିଙ୍ଗ ସହ ପ୍ରଥମ, ବିଭବ ମିଶ୍ର ଓ ରାକେଶ କୁମାର ଜେନା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ମନୋଜ କୁମାର ପାଣିଗ୍ରାହୀ ୪ର୍ଥ, ମନୀଷ କୁମାର ୫ମ, ବସନ୍ତ କୁମାର ଦାସ ୬ଷ୍ଠ, ରବିନ୍ଦ୍ର କୁମାର ଓଝା ୭ମ, ଲୋଚନ କୁମାର ଦାସ ୮ମ, ସଞ୍ଜୟ କୁମାର ମିତ୍ତଲ ୯ମ, ରାକେଶ କୁମାର ନାୟକ ୧୦ମ, କୌସ୍ତୁଭ ଦାଶ ୧୧, ଶୁଭୋଜିତ ଦାସ ୧୨, ଜଗଦୀଶ ବାରିକ ୧୩, ସୁହାନ ଜେନା ୧୪ ଏବଂ ଶ୍ରେୟସ ଶୁଭମ୍ ପଟ୍ଟନାୟକ ୧୫ତମ ସ୍ଥାନରେ ରହିଛନ୍ତି। ଶ୍ରେଷ୍ଠ ମହିଳା ଭାବେ ସାଇରୂପା(୧୩୨୧) ଓ ପ୍ରକୃତି ରାଉତ(୧୨୭୦) ପ୍ରମୁଖ ୧ହଜାର ଟଙ୍କା ଲେଖାଏଁ ପୁରସ୍କୃତ ହୋଇଛନ୍ତି। ଶ୍ରେଷ୍ଠ ଭେଟରାନ ଭାବେ ଚୈତନ୍ୟ ରାଉତ(୧୫୦୩) ଏବଂ ଦିବ୍ୟାଙ୍ଗ ରାଜେଶ କୁମାର ଜେନା(୧୧୪୪) ପ୍ରମୁଖ ଏକ ହଜାର ଲେଖାଏଁ ପୁରସ୍କୃତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ରୋଟାରୀ ପୁରୀ ଜିଲା ଗଭର୍ଣ୍ଣର ଶିବବ୍ରତ ଦାଶ ମୁଖ୍ୟଅତିଥି, ଚେସ୍ ଖେଳାଳୀ ସାଇନା ସୋଲାନିକା, କେନ୍ଦ୍ରପଡା ଚେସ୍ ଆସୋସିଏଶନ ସମ୍ପାଦକ ଭବେଶ ମହାନ୍ତି, ରୋଟାରୀ କ୍ଲବ ଶ୍ରୀଜଗନ୍ନାଥ ଧାମ ସଭାପତି ସୁବାଷ ଚନ୍ଦ୍ର ପରିଡା, ସମ୍ପାଦକ ସନ୍ତୋଷ କୁମାର ପାତ୍ର ଏବଂ ଏସ.ଏନ ଚେସ୍ ଏକାଡେମୀର ଜ୍ୟୋତିଶଙ୍କର ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ।

# ଓଡ଼ିଆରେ ନାମଫଳକ ପାଇଁ ପତ୍ର

**କୋଣାର୍କ, ୩୧।୩(ଡି.ଏନ୍.ଏ.)**



ଓଡ଼ିଆରେ ନାମଫଳକ ପାଇଁ ଅନୁରୋଧ ପତ୍ର।

ପ୍ରତି କ୍ଷେତ୍ରରେ ଓଡ଼ିଆ ଭାଷାର ବ୍ୟବହାରକୁ ସୁନିଶ୍ଚିତ କରିବାପାଇଁ ରାଜ୍ୟ ସରକାର ଆଇନ ପ୍ରଣୟନ କରିଥିଲେ ମଧ କୋଣାର୍କ ଅଞ୍ଚଳରେ ଏହାର ଠିକ୍ ପରିପାଳନ ହେଉ ନ ଥିବା ଜଣାପଡିଛି। ଏବେ ବି ଅଧିକାଂଶ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡିକର ନାମଫଳକରେ ଓଡ଼ିଆକୁ ସ୍ଥାନିତ କରାଯାଇନାହିଁ। ଓଡ଼ିଶା ଦିବସ ପାଳନର ଅବ୍ୟବହିତ ପୂର୍ବରୁ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ କୋଣାର୍କର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡିକୁ ପତ୍ର ପ୍ରେରଣ କରାଯାଇ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ଏବଂ ପତ୍ରାଚାର କରିବା ନିମନ୍ତେ ଅନୁରୋଧ କରାଯାଇଛି। କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଉପସଭାପତି ରୁକ୍ମିଣୀ ଦେବୀ, ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ବସନ୍ତମଞ୍ଜରୀ ପାଠାଗାର ସମ୍ପାଦକ ରାମକୃଷ୍ଣ ମହାନ୍ତି ଓ ଖବରଦାତା ଅଜିତ୍ ମଲ୍ଲିକ ପ୍ରମୁଖ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ ଓ ସାମାଜିକ ସଙ୍ଗଠନର କାର୍ଯ୍ୟକର୍ତ୍ତାଙ୍କୁ ଭେଟି ଓଡ଼ିଆ ଭାଷାର ବହୁଳ ବ୍ୟବହାର ନିମନ୍ତେ ଅନୁରୋଧପତ୍ର ଦେବାସହ ସଚେତନ କରୁଥିବା ଦେଖାଯାଇଛି।

କୋଣାର୍କ ସାହିତ୍ୟ ସଂସଦର ଏପରି ପ୍ରୟାସକୁ ଜବାହାର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଡି.ମାଲେଶ୍ୱର ରାଓ, କୋଣାର୍କ ଏନ୍ଏସି ନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସ, କୋଣାର୍କ ଥାନାଧିକାରୀ ସଞ୍ଜୀବ କୁମାର ପ୍ରଧାନ, ରେଡିଓ ନମସ୍କାର ଅଧ୍ୟକ୍ଷ ଏନ୍.ଏ.ଶାହ ଅନସାରୀ, କୋଣାର୍କ ବ୍ୟବସାୟୀ ମହାସଂଘ ସଭାପତି ସୁବାସ ନାୟକ, ସୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ, କୋଣାର୍କ ବାର ଆସୋସିଏଶନ ସଭାପତି ଶ୍ରୀଜୟ ବରାଳ ପ୍ରମୁଖ ସ୍ୱାଗତ କରିବାସହ ଓଡ଼ିଆ ଭାଷାର ବ୍ୟବହାର ଦିଗରେ ସରକାରୀ ନିର୍ଦ୍ଦେଶନାମାକୁ ଶତପ୍ରତିଶତ ପାଳନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ପୁସ୍ତକ ମେଳା ଉଦ୍‌ଯାପିତ

**ପୁରୀ ଅଫିସ, ୩୧।୩**

ସାମାଜିକ ଅନୁଷ୍ଠାନ ପ୍ରୟାସ ଓ ପୁରୀ ପୁସ୍ତକ ମେଳା କମିଟିର ମିଳିତ ଆନୁକୂଲ୍ୟରେ ୧୧ଦିନ ଧରି ଶରଧାବାଲିରେ ଚାଲିଥିବା ପୁସ୍ତକ ମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ପୁସ୍ତକ ମେଳା ସଭାପତି ତଥା ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଦିବସରେ ସାହିତ୍ୟ ଏକାଡେମୀ ସଭାପତି ଡ.ହରିହର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ, ପୁସ୍ତକ ହେଉଛି ମନୁଷ୍ୟର ବନ୍ଧୁ। ଜ୍ଞାନରୋହଣ ଲାଗି ପୁସ୍ତକର ଆବଶ୍ୟକତା ରହିଛି। ପୁସ୍ତକ ମେଳା ପ୍ରକାଶକ, ସାହିତ୍ୟିକ,ଲେଖକ ଏବଂ ପାଠକଙ୍କ ମିଳନ ସ୍ଥଳୀ। ଏଠାରେ ସମସ୍ତଙ୍କ ସହ ପରିଚୟ, ଭାଇଚାରାର ଭାବ ସୃଷ୍ଟି କରିଥାଏ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ଡ.ଲକ୍ଷ୍ମୀଧର ଦାସ, ଡ.ତୁଳସୀ ଓଝା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପୁସ୍ତକମେଳା ସମ୍ପାଦକ ତଥା ଯୁବ ସଂଗଠକ ପ୍ରଦ୍ୟୁମ୍ନ ମିଶ୍ର ବିବରଣୀ ପାଠ କରିଥିଲେ। ଏହି ଅବସରର ସାରସ୍ୱତ ସାଧନା ଲାଗି ଲକ୍ଷ୍ମୀଧର ଦାସ ଓ ତୁଳସୀ ଓଝାଙ୍କୁ ସମ୍ମାନିତ କରାଯାଇଥିଲା। ମେଳାର ମୁଖପତ୍ର 'ପୁସ୍ତକାନୟ' ଉନ୍ମୋଚିତ ହୋଇଥିଲା। ପରିଚାଳନାରେ କୃଷ୍ଣଚନ୍ଦ୍ର ରଥ, ସମୀର ପଟ୍ଟନାୟକ, ଦୁର୍ଗାମାଧବ କର ପ୍ରମୁଖ ସହଯୋଗ କରିଥିଲେ।

## ପାଲା, ଦାସକାଠିଆ ଓ ଧୁଡୁକି ନାଚ ପରିବେଷଣ

**ସାକ୍ଷୀଗୋପାଳ,୩୧।୩(ଡି.ଏନ୍.ଏ.)**





ବୀରଗୋବିନ୍ଦପୁର ବଡହାଟସ୍ଥିତ ରାମହରିଦାସ ଓଡ଼ିଶୀ ଗୁରୁକୁଳ ଓ ଭୁବନେଶ୍ୱର ତ୍ରିଧାରା ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଓଡ଼ିଶାର ପାରମ୍ପରିକ କଳାକୁ ଉଜ୍ଜୀବିତ ରଖିବା ଲକ୍ଷ୍ୟରେ ପାଲା, ଦାସକାଠିଆ ଓ ଧୁଡୁକି ନାଚ ସମ୍ପର୍କରେ ଏକଦିବସୀୟ ଆଲୋଚନାଚକ୍ର ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଗୁରୁକୁଳ ରଙ୍ଗମଞ୍ଚରେ ପାଲା ସଂସ୍କୃତିର ସୁନାମଧନ୍ୟ ଗବେଷକ ସୁରେନ୍ଦ୍ର ଛୋଟରାୟ, ଦାସକାଠିଆ ଶିଳ୍ପୀ ପଣ୍ଡିତ ରବିନାରାୟଣ ଶତପଥୀ ଏବଂ ପ୍ରତିଭା ସମ୍ପନ୍ନ ଧୁଡୁକିନାଚ କଳାକାର ଆଲୋକ ବିଶୋୟୀ ନିଜନିଜ କଳାର ପାରମ୍ପରିକ ସଙ୍ଗୀତ, ସାହିତ୍ୟ ଓ ପରିବେଷଣ ଶୈଳୀ ଉପରେ ଆଲୋଚନା କରିଥିଲେ। ସଙ୍ଗୀତ ବିଶାରଦ କବିତିଳକ ଆର୍ତ୍ତତ୍ରାଣ ଶତପଥୀ, ଭାଷାବିତ ଡ. କୈଳାସ ଚନ୍ଦ୍ର ଟିକାୟତ ରାୟ, ସୁସାହିତ୍ୟିକ ଡ. ଶରତ ଚନ୍ଦ୍ର ରଥ ଏହି ଆଲୋଚନାଚକ୍ରରେ ଭାଗନେଇ ଲୋକକଳାରେ ଭରି ରହିଥିବା ଗ୍ରାମୀଣ ଜୀବନର ବାସ୍ତବ ମୂଲ୍ୟବୋଧ ଭରି ରହିଥିଲା। ପୁରାଣ ଶାସ୍ତ୍ର ଓ ବିଭିନ୍ନ ପର୍ବ ପର୍ବାଣିର ଝଲକ ସାଂସ୍କୃତିକ ଧାରାରେ ଆକର୍ଷଣୀୟ ଉପସ୍ଥାନାକୁ ନେଇ ଋଦ୍ଧିମନ୍ତ ହୋଇଥିଲା ବୋଲି ମତବ୍ୟକ୍ତ କରିଥିଲେ। ସନ୍ଧ୍ୟାରେ ଉପରୋକ୍ତ କଳାକାରମାନେ ମନମୁଗ୍ଧକର ନୃତ୍ୟ ପରିବେଷଣ କରିଥିଲେ। ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁକୁଳର ଅଧ୍ୟକ୍ଷ ଗୁରୁ ଧନେଶ୍ୱର ସ୍ୱାଇଁ, ପ୍ରତିଷ୍ଠାତା ଗୁରୁ ରାମହରି ଦାସ ଉପସ୍ଥିତ ରହିଥିଲେ। ଅଞ୍ଜନ ହୋତା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

■ ପର୍ଯ୍ୟଟକଙ୍କ କାର୍ ଧକ୍କାରେ ଜଣଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ୨ଘଣ୍ଟା ଧରି ରାସ୍ତା ଅବରୋଧ

**ଗୋପ, ୩୧।୩(ଡି.ଏନ୍.ଏ.)**



ଉତ୍ତ୍ୟକ୍ତ ଲୋକେ ସାଇକେଲ ଓ ଗାଡ଼ି ରଖି ରାସ୍ତା ଅବରୋଧ କରିଛନ୍ତି।

ପିପିଲି-କୋଣାର୍କ ରାସ୍ତାର ବେଗୁନିଆ ଛକ ନିକଟରେ ରବିବାର ଜଣେ ପର୍ଯ୍ୟଟକଙ୍କ କାର୍ ଧକ୍କାରେ ନିକଟସ୍ଥ ପାଟେଲିଆ ଗ୍ରାମର ରବୀନ୍ଦ୍ର କୁମାର ଭୋଇ (୪୯)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପରେ ରବୀନ୍ଦ୍ରଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଗ୍ରାମବାସୀ କ୍ଷତିପୂରଣ ଦାବିରେ ଏହି ରାସ୍ତାର ବେଗୁନିଆ ଛକ ନିକଟରେ ଦୀର୍ଘ ଦୁଇ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ପୋଲିସ ଓ ଏରବଙ୍ଗ ସରପଞ୍ଚଙ୍କ ଉଦ୍ୟମ ଯୋଗୁ ରାସ୍ତା ଅବରୋଧ ଉଠିଥିଲା।

କେରଳ ପାନାଗିରି ଅଞ୍ଚଳର ୪ ଜଣ ପର୍ଯ୍ୟଟକ ରବିବାର ସକାଳୁ କୋଣାର୍କ ବୁଲି ଯାଉଥିଲେ। ଏହି ପର୍ଯ୍ୟଟକଙ୍କ ଗାଡ଼ିର ଆଗ ଚକା ଫାଟିଯିବା ଫଳରେ କାର୍‌ଟି ଭାରସାମ୍ୟ ହରାଇ ସାଇକେଲ୍‌ରେ ବେଗୁନିଆ ଆସୁଥିବା ପାଟେଲିଆ ଗ୍ରାମର ରବୀନ୍ଦ୍ର କୁମାର ଭୋଇ (୪୯)ଙ୍କୁ ସମ୍ମୁଖ ଭାଗରୁ ଧକ୍କା ଦେଇ ଏକ ନଡ଼ିଆ ଗଛକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ରବୀନ୍ଦ୍ରଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିରହିଥିବାବେଳେ କାର୍‌ରେ ଥିବା ପର୍ଯ୍ୟଟକମାନେ ସାମାନ୍ୟ ଆହାତ ହୋଇଥିଲେ। ଖବର ପାଇ ଗୋପ ଅଗ୍ନିଶମ ବିଭାଗ ଘଟଣାସ୍ଥଳରୁ ସମସ୍ତଙ୍କୁ ଉଦ୍ଧାର କରି ଗୋପ ଡାକ୍ତରଖାନାକୁ ନେଇ ପ୍ରାଥମିକ ଚିକିତ୍ସା କରିଥିବାବେଳେ ଡାକ୍ତର ରବୀନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ଏରବଙ୍ଗ ସରପଞ୍ଚ ବିଭୂତି ଭୂଷଣ ସାହୁ, ଗୋପ ଥାନା ଅଧିକାରୀ ସୌମିଚିତ୍ ମିଶ୍ର ଓ ରାଜସ୍ୱ ବିଭାଗର କର୍ମଚାରୀ ପହଞ୍ଚି ଉତ୍ତ୍ୟକ୍ତ ଜନସାଧାରଣଙ୍କୁ ବୁଝାସୁଝା କରିବା ସହ ମୃତକଙ୍କ ପରିବାରକୁ ରେଡ଼କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା କ୍ଷତିପୂରଣ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଗୋପ ପୋଲିସ ରବୀନ୍ଦ୍ରଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଜାରି ରଖିଛି। ପର୍ଯ୍ୟଟକଙ୍କୁ ନେଇ ଆସିଥିବା ଡ୍ରାଇଭର ଲିଜିନ୍ ବୋଷ (୨୪)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ପକ୍ଷରୁ ଜଣାପଡ଼ିଛି। ଏ ସମ୍ପର୍କରେ ମୃତକ ରବୀନ୍ଦ୍ରଙ୍କ ପୁତ୍ରଙ୍କ ଏତଲାକୁ ନେଇ ଗୋପ ଥାନାରେ ୫୨/୧୯ ମାମଲା ରୁଜୁ ହୋଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଥିବାବେଳେ ପର୍ଯ୍ୟଟକମାନେ କୋଣାର୍କ ବୁଲି ନ ପାରି ଫେରିଥିବା ପୋଲିସ୍ ପକ୍ଷରୁ ଜଣାପଡ଼ିଛି।